visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK | ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.163 Bhubaneswar Thursday, August 12, 2021 | ୨୪ତମ ବର୍ଷ ସଂଖ୍ୟା–୧୬୩ ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୧୨, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS




ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ନୂଆଦିଲ୍ଲୀରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ସହ ଆଲୋଚନା

## ଗୋଟିଏ ଦିନରେ ୧୦୭୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୧।୮(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୦୭୮ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୯୦୦୭୫ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୯୭୨୭୧୦ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ସଂଖ୍ୟା ୧୦୬୮୨ ରହିଛି । ଆଜି ଚିହ୍ନଟ ହୋଇଥିବା ୧୦୭୮ ଜଣଙ୍କ ମଧ୍ୟରୁ ୬୨୬ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୫୨ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୩୭୨ ଜଣ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୨୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୪୫ ଜଣ, ବରଗଡ଼ରୁ ୬ ଜଣ, ଭଦ୍ରକରୁ ୨୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।ସେହିପରି ବଲାଙ୍ଗୀରରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୧, କଟକରୁ ୧୪୭, ଦେବଗଡ ଜିଲ୍ଲାରୁ ୪ ଜଣ, ଢେଙ୍କାନାଳ ଜିଲ୍ଲାରୁ ୧୬ ଜଣ, ଗଜପତି ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଞ୍ଜାମରୁ ୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।ଜଗତସିଂହପୁର ଜିଲ୍ଲାରୁ ୫୮ ଜଣ, ଯାଜପୁରରୁ ୫୮ ଜଣ, ଝାରସୁଗୁଡ଼ାରୁ ୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡିରୁ ୧ ଜଣ, କନ୍ଧମାଳ ଜିଲ୍ଲାରୁ ୬ ଜଣ. କେନ୍ଦ୍ରାପଡ଼ାରୁ ୫୧ ଜଣ, କେନ୍ଦୁଝରରୁ ୧୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୩୭୨ ଜଣ ଚିହ୍ନଟ ହୋଇଥିବା ବେଳେ କୋରାପୁଟରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ମାଲକାନଗିରି ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୩୫ ଜଣ, ନବରଙ୍ଗପୁରରୁ ୧, ନୟାଗଡ଼ରୁ ୨୬ ଜଣ ଚିହ୍ନଟ ହୋଇଥିବା ବେଳେ ନୂଆପଡ଼ାରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ପୁରୀରୁ ୪୮ ଜଣ, ରାୟଗଡ଼ାରୁ ୨୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୧୨ ଜଣ ଚିହ୍ନଟ ହୋଇଥିବା ବେଳେ ସୋନପୁରରୁ ୫, ସୁନ୍ଦରଗଡ଼ରୁ ୬ ଜଣ ଓ ଷ୍ଟେଟ୍ ପୁଲରୁ ୮୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ଅଲିମ୍ପିକ ହକି ଖେଳାଳୀଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୧।୮(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଦ୍ୟ ଅନୁଷ୍ଠିତ ଟୋକିଓ ଅଲିମ୍ପିକ୍ସରେ ଚମତ୍କାର ପ୍ରଦର୍ଶନ କରିଥିବା୫ ୪ଓଡ଼ିଆ ହକି ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ।ଓଡ଼ିଶାରୁ ଭାରତୀୟ ହକି ଟିମରେ ଥିବା ୨ଜଣ ପୁରୁଷ ହକି ଖେଳାଳି ଏବଂ ୨ଜଣ ମହିଳା ହକି ଖେଳାଳିଙ୍କୁ କଳିଙ୍ଗ ଷ୍ଟାଡିୟମରେ ସମ୍ବର୍ଦ୍ଧନା ଦିଆ ଯାଇଛି । ପୁରୁଷ ହକି ଖେଳାଳି ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସଙ୍କୁ ୨.୫କୋଟି ଟଙ୍କାର ପୁରସ୍କାର ରାଶି ଦିଆଯାଇଥିବା ବେଳେ ରାଜ୍ୟ ପୁଲିସ ବିଭାଗରେ ଡେପୁଟି ସୁପରିଟେଣ୍ଡେଂଟ ଭାବରେ ନିଯୁକ୍ତି ପାଇଁ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି ।ସେହିପରି ମୁଖ୍ୟମନ୍ତ୍ରୀ ଭାରତୀୟ ଦଳରେ ଖେଳିଥିବା ୨ଜଣ ମହିଳା ହକି ଖେଳାଳି ନମିତା ଟପ୍ପୋ ଓ ଦୀପ୍‌ଗ୍ରେସ୍ ଏକ୍କାଙ୍କୁ ୫୦ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଛନ୍ତି । ଏହି ଅବସରରେ ସେ ଟୋକିଓ ଅଲିମ୍ପିକ୍ସରେ ଉଭୟ ପୁରୁଷ ଓ ମହିଳା ହକି ଦଳର ପ୍ରଦର୍ଶନକୁ ଭୂୟସୀ ପ୍ରଶଂସା କରିଛନ୍ତି । ଏହି କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବ ସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, କ୍ରୀଡ଼ା ଓ ଯୁବ ସେବା ସଚିବ ତଥା ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଭିନିଲ କ୍ରିଷ୍ଣା, ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ଦିଲୀପ ତିର୍କୀ ଏବଂ ୫ଟି ସଚିବ ଭିକେ ପାଣ୍ଡିଆନ୍ ଏହି ସମାରୋହରେ ଉପସ୍ଥିତ ରହିଥିଲେ। ଏଥିରେ ସ୍ପୋର୍ଟସ ହଷ୍ଟେଲର ହକି ଖେଳାଳିମାନେ ମଧ୍ୟ ଉପସ୍ଥିତ ଥିଲେ।

### ଦୂରଗାମୀ ସବ୍‌ସୋନିକ୍ କ୍ରୁଜ୍ ମିସାଇଲର ସଫଳ ପରୀକ୍ଷଣ

ଭୁବନେଶ୍ୱର, ୧୧।୮(ପି.ଏନ): ବାଲେଶ୍ୱର ଜିଲ୍ଲାର ଚାନ୍ଦିପୁର ସ୍ଥିତ କ୍ଷେପଣାସ୍ତ୍ର ପରୀକ୍ଷା କେନ୍ଦ୍ରର ୩ନଂ ଲଂଚ ପ୍ୟାଡ଼ରୁ ଆଜି ଦୂରଗାମୀ ସବ୍‌ସୋନିକ୍ କ୍ରୁଜ୍ ମିସାଇଲ ର ପରୀକ୍ଷଣ କରାଯାଇଛି। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ କ୍ଷେପଣାସ୍ତ୍ରକୁ ଆଜି ସକାଳ ୯ଟା ୫୩ ମିନିଟ୍‌ରେ ଉତ୍‌କ୍ଷେପଣ କରାଯାଇଥିବା ନେଇ ସୂଚନା ମିଳିଛି । ମିଳିଥିବା ସୂଚନା ଅନୁସାରେ ପରୀକ୍ଷା ସମୟରେ ସ୍ୱତନ୍ତ୍ର ଭାବେ ଲଗାଯାଇଥିବା ରାଡ଼ାର ମାଧ୍ୟମରେ ସଂଗୃହିତ ତଥ୍ୟକୁ ପ୍ରତିରକ୍ଷା ବିଭାଗର ବୈଜ୍ଞାନିକମାନେ ସମୀକ୍ଷା କରୁଛନ୍ତି।

### ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ପିଇଓଙ୍କ ଘର ଉପରେ ଭିଜିଲାନ୍ସ ଚଢାଉ

ଭୁବନେଶ୍ୱର, ୧୧।୮(ପି.ଏନ): ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ଢେଙ୍କାନାଳ ଜିଲ୍ଲାର ଭୁବନ ବ୍ଲକର ଦୁଇଟି ପଂଚାୟତର ପିଇଓଙ୍କ ସନ୍ତୋଷ କୁମାର ସାହୁଙ୍କ ବିଭିନ୍ନ ଠିକଣା ଉପେ ଭିଜିଲାନ୍ସ ପକ୍ଷରୁ ଚଢାଉ କରା ଯାଇଛି । ଢେଂକାନାଳ ଜିଲ୍ଲାର ୫ଟି ସ୍ଥାନରେ ଏହି ଚଢାଉ କରା ଯାଉଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି।

### କୋଭିଡ୍ ହେଲ୍ପଲାଇନ୍ ନମ୍ବରକୁ ଆସୁଛି ଫେକ୍ କଲ୍

ଭୁବନେଶ୍ୱର, ୧୧।୮(ପି.ଏନ): କୋଭିଡ୍ ପାଇଁ ଖୋଲିଥିବା ଜରୁରୀକାଳୀନ ହେଲ୍ପଲାଇନ୍ ନମ୍ବର ୧୦୪କୁ ଆସୁଛି ଫେକ୍ କଲ୍। ଏନେଇ ୧୦୪ ପକ୍ଷରୁ ସହିଦନଗର ଥାନାରେ ଅଭିଯୋଗ ହୋଇଛି। କଲ୍ ସେଂଟରର ମହିଳା କର୍ମଚାରୀ ଓ ମହିଳା ଡାକ୍ତରଙ୍କ ସହ କଥା ହେବା ବାହାନାରେ ଅଶ୍ଳୀଳ ଭାଷା ପ୍ରୟୋଗ କରୁଥିବା ଅଭିଯୋଗ ହୋଇଛି।

## ୨୨୦୬ କୋଟିର ଅଖା ଦୁର୍ନୀତି ଅଭିଯୋଗ ଆଣିଲା କଂଗ୍ରେସ

ଭୁବନେଶ୍ୱର, ୧୧।୮(ପି.ଏନ): କଥା କଥାରେ ୫ଟି ଓ ସ୍ୱଚ୍ଛଶାସନର ଡିଣ୍ଡିମ ପିଟୁଥିବା ନବୀନ ସରକାର ଗତ ୧୦ ବର୍ଷରେ ଧାନବସ୍ତା ବାବଦରେ ୨୨୦୬ କୋଟି ଟଙ୍କା ହରିଲୁଟ କରିଛନ୍ତି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି ।ବୁଧବାର କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ପଦ୍ମାକର ଗୁରୁ ଏବଂ ଅମୀୟ ପାଣ୍ଡବ କହିଛନ୍ତି ସରକାର ତହବିଲ ଗତ ୧୦ ବର୍ଷରେ ଏ ବାବଦରେ ଅନୁନ୍ୟ ୨୨ ଶହ ୬ କୋଟି ୯୨ ଲକ୍ଷ ୨୫ ହଜାର ୩୯୬ଟଙ୍କା ଖର୍ଚ୍ଚ କରିଥିବା ବେଳେ ରାଜ୍ୟର ଜଣେ ହେଲେ ଚାଷୀ ଟଙ୍କାଟିଏ କାହିଁକି ପାଇନାହାନ୍ତି। ମୁଖପାତ୍ର ନୁହେଁ ମୁଖ୍ୟମନ୍ତ୍ରୀ ନିଜ ମୁହଁରେ ଏହାର ଉତର ରଖନ୍ତୁ। ଚାଷୀ ବସ୍ତା ବାଦରେ ଟଙ୍କା ପାଇନଥିବା ବେଳେ ବର୍ଷକୁ ବର୍ଷ ବସ୍ତାପାଇଁ ଟେଣ୍ଡର ଆହ୍ୱାନ କରାଯିବା ପଛରେ କାରଣ କ'ଣ। ମଣ୍ଡି ହେଣ୍ଡଲିଂ ବାବଦରେ ଏସବୁ ଅର୍ଥ କାହା ପକେଟକୁ ଯାଇଛି ଏବଂ ଏହି ଦୁର୍ନୀତି ପାଇଁ କିଏ ଦାୟୀ ସେଥିରେ ମୁଖ୍ୟମନ୍ତ୍ରୀ ନିଜେ ରାଜ୍ୟବାସୀଙ୍କ ସାମନାରେ ଉତର ରଖନ୍ତୁ। ଅନ୍ୟଥା ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ବିଭାଗୀୟ ମନ୍ତ୍ରୀ, ସଚିବ, ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ, ମିଲମାଲିକ ଏବଂ ସି.ଏସ୍.ଓ. ପ୍ରଭୃତିଙ୍କ ଅସାଧୁ ମେଂଟ ଓ ମିଳିତ ର୍‍ୟାକେଟ ଓଡ଼ିଶାର ଚାଷୀମାନଙ୍କୁ ଏମିତି ବର୍ଷବର୍ଷ ଧରି ଲୁଟୁଥିବାରୁ ଏହା ବିରୋଧରେ କଂଗ୍ରେସ ପକ୍ଷରୁ ଗୃହରେ ଏବଂ ଗୃହବାହାରେ ଦୃଢ଼ ଜବାବ ଦିଆଯିବ ବୋଲି ସେ କହିଛନ୍ତି ।ଏହି ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ନହେଲେ କଂଗ୍ରେସ ଚାଷୀମାନଙ୍କୁ ସାଥିରେ ଧରି ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ଉପସ୍ଥିତ ଥିଲେ।

## ୩ଜିଲ୍ଲାରେ ପ୍ରବଳ ବର୍ଷିବ

ଭୁବନେଶ୍ୱର, ୧୧।୮(ପି.ଏନ): ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ତିନିଟି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡ଼ିକ ହେଲା ସୁନ୍ଦରଗଡ଼, କେନ୍ଦୁଝର ଓ ଅନୁଗୁଳ। ଏହି ୩ ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଆଂଚଳିକ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୁଳ, ଢ଼େଙ୍କାନାଳ, କନ୍ଧମାଳ, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ସମ୍ଭାବନା ରହିଛି। ଏଥିପାଇଁ ଉକ୍ତ ଜିଲ୍ଲାଗୁଡ଼ିକୁ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।ସେହିପରି ୧୨ରୁ ୧୩ ତାରିଖ ମଧ୍ୟରେ କେନ୍ଦୁଝର, ମୟୂରଭଞ୍ଜ,ବାଲେଶ୍ୱର ଓ ନବରଙ୍ଗପୁର ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏହି ସମୟ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର, ମୟୂରଭଞ୍ଜ, ଢ଼େଙ୍କାନାଳ, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁର ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ସମ୍ଭାବନା ଥିବା ନେଇ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ରାଜଧାନୀରେ ୨୪ ଘଂଟାରେ ୨୬୧ ପଜିଟିଭ୍

ଭୁବନେଶ୍ୱର, ୧୧।୮(ପି.ଏନ): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ବୁଧବାର ଦିନ ଆଉ ୨୬୧ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୭୪ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୧୮୭ ଲୋକାଲ୍ କେସ୍ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୨୨୩ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି ।ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ପଟିଆରୁ ସର୍ବାଧିକ ୧୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ରସୁଲଗଡ ଓ ନୟାପଲ୍ଲୀ ରୁ ୧୩ ଜଣ ଲେଖାଏଁ ,ଓଲ୍ଡଟାଉନ୍ ରୁ ୧୦ ଜଣ , ସୁନ୍ଦରପଦା ଓ ୟୁନିଟ ୮ରୁ ୭ ଜଣ ଲେଖାଏଁ, ହଂସପାଳରୁ ୬ ଜଣ, ପଳାଶୁଣୀ, ବମିଖାଲ ଓ ଶୈଳଶ୍ରୀବିହାରରୁ ୫ ଜଣ ଲେଖାଏଁ , ନିଳାଦ୍ରୀବିହାର, ବରମୁଣ୍ଡା, ଆଇଆରସି ଭିଲେଜ, ଜାଗମରା , ଚନ୍ଦ୍ରଶେଖରପୁର,ଭୀମଟାଙ୍ଗୀ, ଖଣ୍ଡଗିରି , ଲକ୍ଷ୍ମୀସାଗର ରୁ ୪ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦୨୭୫୧ କୁ ବୃଦ୍ଧି ପାଇଛି। ସେହିପରି ସୁସ୍ଥଙ୍କ ସଂଖ୍ୟା ୯୮୯୧୮ କୁ ବୃଦ୍ଧି ପାଇଛି।

## ଷ୍ଟେଟ୍ ଲିଷ୍ଟ୍ ଆଧାରରେ ପଛୁଆ ଜାତିଙ୍କୁ ସଂରକ୍ଷଣ ଦିଅନ୍ତୁ ଓଡିଶା ସରକାର:ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୧।୮(ପି.ଏନ): କେନ୍ଦ୍ର ସରକାର ପଛୁଆ ବର୍ଗଙ୍କ ପାଇଁ ଚାକିରି ଓ ଶିକ୍ଷା କ୍ଷେତ୍ରରେ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରିଥିବା ବେଳେ ଓଡ଼ିଶାରେ ରାଜ୍ୟ ସରକାର ଏହି ବର୍ଗଙ୍କ ପାଇଁ ସ୍ଥାନ ସଂରକ୍ଷଣ ନ ଦେଇ ୫୦ ପ୍ରତିଶତରୁ ଅଧିକ ସ୍ଥାନ ସଂରକ୍ଷଣ ଦାବୀ କରିବା ଅମୂଳକ। ଓଡ଼ିଶା ଏକମାତ୍ର ରାଜ୍ୟ ଯେ ସମ୍ଭବତଃ ଷ୍ଟେଟ୍ ଲିଷ୍ଟ୍ ଆଧାରରେ ପଛୁଆ ଜାତିଙ୍କୁ ସଂରକ୍ଷଣ ଦେଇନାହିଁ । ତେଣୁ ଓଡିଶା ସରକାର ଷ୍ଟେଟ୍ ଲିଷ୍ଟ୍ ଆଧାରରେ ପଛୁଆ ଜାତିଙ୍କୁ ସଂରକ୍ଷଣ ଦିଅନ୍ତୁ ବୋଲି ରାଜ୍ୟସଭାରେ ୧୨୭ତମ ସଂଶୋଧନ ବିଧେୟକ ଆଲୋଚନାରେ ବକ୍ତବ୍ୟ ରଖି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ରାଜ୍ୟ ସରକାର ସାଙ୍କେତିକ ଭାବରେ ଓବିସି ଓ ଏସଇବିସିଙ୍କୁ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ଦେବା ପାଇଁ ନିଷ୍ପତି ନେଇଥିଲେ । ପରବର୍ତୀ ପର୍ଯ୍ୟାୟରେ ମାନ୍ୟବର ହାଇକୋର୍ଟରେ ଏହା ବିରୁଧରେ ଏକ ମାମଲା ଦାୟର ହୋଇଥିଲା ଏବଂ ମାନ୍ୟବର ହାଇକୋର୍ଟ ଏହା ଉପରେ ରହିତାଦେଶ ଜାରୀ କରିଥିଲେ । ୯୦ ଦଶକରେ ମଣ୍ଡଳ କମଶନ ଲାଗୁ ହେବା ସମୟରେ ବିଜେଡ଼ି ସାଂସଦ ସେତେବେଳେ ରାଜ୍ୟ କ୍ୟାବିନେଟ୍ ମନ୍ତ୍ରୀ ଥିଲେ। ସେହି ସମୟରେ ଓଡ଼ିଶା ଏକମାତ୍ର ରାଜ୍ୟ ଥିଲା ଯେ ମଣ୍ଡଳ କମିଶନ ଲାଗୁ ନ କରିବା ପାଇଁ ମାନ୍ୟବର ସୁପ୍ରିମକୋର୍ଟ ଆସିଥିଲା। ସେହି ସମୟରେ ଓବିସି ତାଲିକା ହେବାର ମଧ୍ୟ ନିଷ୍ପତି ହୋଇଥିଲା। ତେବେ ଆଜି ସେହି ଦଳର ପ୍ରତିନିଧି ଆଜି କହୁଛନ୍ତି ଆମେ ଓବିସି ଓ ଏସଇବିସି ବର୍ଗଙ୍କୁ ସଂରକ୍ଷଣ ଦେବା ପାଇଁ ପ୍ରସ୍ତୁତ। ମାତ୍ର କେନ୍ଦ୍ର ଆମର ହାତ ବାନ୍ଧିଥିବା କଥା କହୁଛନ୍ତି। ରାଜ୍ୟରେ ବହୁସଂଖ୍ୟକ ସମାଜ ଓବିସି ବର୍ଗ ତାଲିକା ନାହିଁ କହି ସଂରକ୍ଷଣ ୫୦ ପ୍ରତିଶତ ଉପରକୁ କିଭଳି ଦିଆଯିବ ପ୍ରଶ୍ନ କରୁଛନ୍ତି। କେନ୍ଦ୍ର କୋର୍ଟରେ ବଲ୍ ଫିଙ୍ଗି ଓଡିଶା ସରକାର କେନ୍ଦ୍ର ଉପରେ ଦୋଷ ଲଦିବା ଏବଂ ରାଜ୍ୟରେ ଓବିସି ତାଲିକା ନଥିବାରୁ ସଂରକ୍ଷଣ ଦେଇନପାରିବା ତଥ୍ୟ ଆଧାରିତ ନୁହେଁ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଦେଶରେ ଜାତି, ଜନଗଣନା ଏବଂ ରିଭୋନାରୀ ପ୍ରକ୍ରିୟା। ଅନେକ ରାଜ୍ୟ ଏହାକୁ ଆଧାର ମାନିଛନ୍ତି। ଅନେକ ରାଜ୍ୟ ୫୦ ପ୍ରତିଶତରୁ ଅଧିକ ସ୍ଥାନ ସଂରକ୍ଷଣ ଦେଉଥିଲେ। ବିହାର, ତାମିଲନାଡୁ, କର୍ଣ୍ଣାଟକ, କେରଳ, ମହାରାଷ୍ଟ୍ର, ତେଲେଙ୍ଗାନା, ମଧ୍ୟପ୍ରଦେଶ, ପଣ୍ଡିଚେରୀ ଭଳି ରାଜ୍ୟ ୫୦ ପ୍ରତିଶତ ସ୍ଥାନ ସଂରକ୍ଷଣକୁ ଦେଇସାରିଛନ୍ତି। ଓଡ଼ିଶାରେ ୫୨ ପ୍ରତିଶତ ପଛୁଆ ଜାତି ଥିବା ବେଳେ ତାଲିକା କହିଁକି ନାହିଁ ? ଇନ୍ଦ୍ରା ସ୍ୱହନୀ ଓ ଭାରତ ସରକାରଙ୍କ କେସ୍ ମାମଲାରେ ସୁପ୍ରିମକୋର୍ଟ ବିଶେଷ ପରିସ୍ଥିତିରେ ସ୍ଥାନ ସଂରକ୍ଷଣ ନିର୍ଦ୍ଧିଷ୍ଟ ସୀମା ଠାରୁ ଅଧିକ ହୋଇପାରିବ ବୋଲି ରାୟ ପ୍ରକାଶ କରିଥିଲେ। ଓଡ଼ିଶା ଏକମାତ୍ର ରାଜ୍ୟ ଯେ ଷ୍ଟେଟ୍ ଲିଷ୍ଟ୍ ଆଧାରରେ ପଛୁଆ ଜାତିଙ୍କୁ ସଂରକ୍ଷଣ ଦେଇନାହିଁ। ତେବେ କେନ୍ଦ୍ର ଉପରେ ରାଜ୍ୟ ସରକାର ଯେଉଁ ସଂରକ୍ଷଣ ପ୍ରସଙ୍ଗରେ ଦୋଷ ଲଦୁଛନ୍ତି ତାହା ତଥ୍ୟ ଆଧାରରେ ଅମୂଳକ ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯଦି କିଛି ନିର୍ଣ୍ଣୟ କରନ୍ତି ସମସ୍ତଙ୍କ ସମାନ ଅଧିକାରକୁ ଦେଇ ନିର୍ଣ୍ଣୟ ନିଅନ୍ତି । ସବକା ସାଥ୍, ସବକା ବିକାଶ, ସବକା ବିଶ୍ୱାସ ଆମ ସରକାରଙ୍କ ନୀତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୋଟା ଲାପ୍ସ ନକରିବା ନେଇ ବଡ ପଦକ୍ଷେପ ନେଇଥିଲେ। ମୋଦି ସରକାରଙ୍କ ନିଷ୍ପତି କ୍ରମେ ୨୦୧୪ରୁ ୧୧,୨୬୨ ଏଲପିଜି ଡ଼ିଷ୍ଟ୍ରିବୁଟର ଦିଆଯାଇଛି। ତନ୍ମଧ୍ୟରୁ ଏସସି ଏସଟିଙ୍କୁ ନିଜର ଅଧିକାର ଦିଆଯିବା ସହ ୨୮୫୨ ଜଣ ଓବିସି ଯୁବକଙ୍କୁ ରୋଜଗାର ପାଇଁ ଏଲପିଜି ଡ଼ିଷ୍ଟ୍ରିବୁଟର ଦିଆଯାଇଛି। ୭,୮୮୮ ଓବିସି ବର୍ଗଙ୍କୁ ପେଟ୍ରୋଲ ପମ୍ପଙ୍କୁ ଦିଆଯାଇଛି । ନରେନ୍ଦ୍ର ମୋଦି ଯାହା କୁହନ୍ତି ତାହା କରନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada










# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଳୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ । ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ । ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ । କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ । କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଳକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ । ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ । ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ । ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ । ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ । ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି । କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ । କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ । ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ । ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା । ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା । ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ । ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ । ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ । ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ । ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା ।



## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ । କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ । ତା' ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ । ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି । ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ



ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ । ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି ।

## ସଡକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି । ହେଲେ ଟେକସାସ୍ରେ ରହୁଥିବା ଜଣେ ଦମ୍ପତ୍ତି ନିଜର ଭ୍ରମଣ ସଡକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି । ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି । ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍ । ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍



କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି । ପେଶାରେ ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି । ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି । ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ । ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ । ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ । ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି । ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା । ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା



ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ । ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ । ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ । ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା । ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି ।

## ଚା'ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଡନି ଥାନାରେ ବିଷାକ୍ତ ଚା' ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି । ଚା' ତିଆରି ସମୟରେ ଭୁଲ ବଶତଃ ଚା' ପତି ବଦଳରେ ପକାଯାଇଥିଲା କୀଟନାଶକ । ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ । ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା' ତିଆରି ହୋଇଥିଲା । ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା' ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ । ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା ।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ୱାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।




# ଗାନ୍ଧୀ-ଗୋପବନ୍ଧୁଙ୍କ ଭେଟ ଏକ ଅବିସ୍ମରଣୀୟ ଅଧ୍ୟାୟ



**ସେ** ଦିନଟି ଥିଲା ୧୯୨୧ ମାର୍ଚ୍ଚ ୨୩ ତାରିଖ ବୁଧବାର। ବଡିସକାଳୁ ପୁରୀ ଏକ୍ସପ୍ରେସ୍ ରେଳଗାଡିରେ ମହାତ୍ମାଗାନ୍ଧୀ କଟକ ଷ୍ଟେସନରେ ଆସି ପହଂଚିଲେ। ଏହା ଓଡିଶାକୁ ତାଙ୍କର ପ୍ରଥମ ଆଗମନ। ଛଅ ମାସ ପୂର୍ବରୁ ଗାନ୍ଧି ଓଡିଶାକୁ ଆସିବେ ଓ ସ୍ୱରାଜ୍ୟ ବାର୍ତ୍ତା ଶୁଣାଇବେ ବୋଲି ଓଡିଶାର ଚାରିଆଡେ ଖବର ରଟିଯାଇଥିଲା। ଗାନ୍ଧିଜୀ ଆସିବା ପାଇଁ ପ୍ରାଦେଶିକ କଂଗ୍ରେସ ସଭାପତି, ଉତ୍କଳର କଂଗ୍ରେସ ନେତା ପଣ୍ଡିତ ଗୋପବନ୍ଧୁ କଟକରେ ତାଙ୍କୁ ପାଛୋଟିବା ପାଇଁ ଆଗରୁ ଆସିଥାନ୍ତି। ସତ୍ୟବାଦୀ ସ୍କୁଲର ଶିକ୍ଷକମାନଙ୍କ ଗହଣରେ ଆମେ ବୁଦ୍ଧିଜୀବୀ କେତେଜଣ କଟକରେ ଆସି ପୂର୍ବଦିନଠାରୁ ପହଂଚିଲୁ। ୨୩ ତାରିଖ ସକାଳେ ଗାନ୍ଧିଜୀ ପହଂଚିଲେ। କେବଳ ତାଙ୍କୁ ଲୋକେ ଦର୍ଶନ କରିବେ ବୋଲି ୨୨ ତାରିଖ ସନ୍ଧ୍ୟାରୁ କଟକ ରେଳଷ୍ଟେସନଠାରେ ଆସି ରୁଣ୍ଡ ହେଲେ। ଓକିଲ, ମୁକ୍ତିଆର, ଛାତ୍ର, ହାଟୋଇ, ବାଟୋଇ, ବ୍ୟବସାୟୀ, ଜମିଦାର, ମହାଜନ ଅନ୍ଦାଜ ଦଶ ହଜାର ଲୋକ ତାଙ୍କ ଅପେକ୍ଷାରେ ରାତିସାରା ଅନିଦ୍ରା ହୋଇ ଚକାଇ ରହିଥିଲେ। ବଡି ସକାଳୁ ଷ୍ଟେସନରେ ରେଳ ପହଂଚିଲା ବେଳେ ବିରାଟ ଜନତା, ସ୍ତ୍ରୀ ପୁରୁଷ, ବାଳକ ବାଳିକା, ଏପରିକି ଜନ୍ମ କଲା ପିଲା କୋଳରେ ଧରି ବୟସ୍କା ସ୍ତ୍ରୀଲୋକଙ୍କ ସମେତ ହଜାର ହଜାର ସଂଖ୍ୟାରେ ଗାନ୍ଧିଙ୍କୁ ଦର୍ଶନ କରିବେ ବୋଲି ଉଦ୍‌ଗ୍ରୀବ ହୋଇ ଷ୍ଟେସନ ପ୍ଲାଟ୍‌ଫର୍ମ ଉପରେ ଛିଡା ହୋଇଗଲା, ସେତେବେଳେ ଜନସମୁଦ୍ର ରେଳଡବା ଆଡକୁ ଯେପରିକି ଅଜାଡି ହୋଇ ପଡିଲା। 'ମହାତ୍ମାଗାନ୍ଧି କୀ ଜୟ', 'ଭାରତମାତା କୀ ଜୟ', 'ବନ୍ଦେ ମାତରମ୍', 'ହିନ୍ଦୁ ମୁସଲମାନ କୀ ଜୟ' ଇତ୍ୟାଦି ଘନ ଘନ ଜୟ ଧ୍ୱନିରେ ଆକାଶ ପାତାଳ କମ୍ପିଗଲା। ପୂର୍ବରୁ ସ୍ୱେଚ୍ଛାସେବକମାନେ ଏ ବିରାଟ ଜନତାକୁ ଶୃଙ୍ଖଳିତ କରି ରଖିବା ପାଇଁ ଚାରିଆଡେ ଜମି ରହିଥିଲେ ସୁଦ୍ଧା ରେଳ ପହଂଚି ଯିବା ପରେ ସମୁଦ୍ର ଲହଡି ପରି ମାଡି ଆସୁଥିବା ଏ ଉଦ୍‌ଗ୍ରୀବ ଜନତାକୁ ସମ୍ଭାଳିବା ଅସାଧ ହୋଇ ପଡିଲା। ତୃତୀୟ ଶ୍ରେଣୀ ରେଳଡବାର ଦୁଆର ଫିଟାଇବା ମାତ୍ରେ ମହାତ୍ମାଗାନ୍ଧି, ତାଙ୍କ ପଛକୁ ତାଙ୍କ ସହଧର୍ମିଣୀ କସ୍ତୁରବା ଗାନ୍ଧି କବାଟ ପାଖରେ ଛିଡା ହୋଇଥିଲେ। ପ୍ରଥମ ଭେଟ ପଣ୍ଡିତ ଗୋପବନ୍ଧୁଙ୍କର। ଗାନ୍ଧିଜୀ ଓ କସ୍ତୁରବାଙ୍କୁ ଫୁଲମାଳ ଦେଇ ପାଛୋଟି ଆଣିବାବେଳେ ଓଡିଶାର ଅନ୍ୟାନ୍ୟ ନେତା ଓ କର୍ମୀମାନେ ତାଙ୍କୁ ଚାରିଆଡୁ ଜଗି ଘେର ଭିତରେ ଆଣିଥିଲେ।

ଭାରତରୁ ବ୍ରିଟିଶ ସରକାରଙ୍କୁ ବିତାଡିତ ପାଇଁ ଓ ସ୍ୱରାଜ୍ୟ ପ୍ରତିଷ୍ଠା ପାଇଁ ଗାନ୍ଧି ବୋଲି ଜଣେ କିଏ ମହାତ୍ମା ଜନ୍ମିଛନ୍ତି। ଲୋକ ତାଙ୍କ ଦର୍ଶନ ପାଇବେ ବୋଲି ଏପରି ବ୍ୟାକୁଳ ଯେ, ମଣିଷ ଉପରେ ମଣିଷ ଚଢି ତାଙ୍କ ଦର୍ଶନ ଓ ପଦଧୂଳି ପାଇବା ପାଇଁ ନିକଟକୁ ମାଡି ଆସୁଥାନ୍ତି। ଦୁର୍ବଳ ଶରୀର ଗାନ୍ଧିଙ୍କୁ ଏ ଶ୍ରଦ୍ଧାଭକ୍ତି ଆକ୍ରମଣରୁ ରକ୍ଷାକରିବା କାଠିକର ପାଠ ହେଲା। ବହୁକଷ୍ଟରେ ତାଙ୍କୁ ଓଗାଳି ଆଶ୍ରମ ଭିତରକୁ ନିଆଗଲା। ସ୍ୱରାଜ୍ୟ ଆଶ୍ରମର ଉପର ମହଲାରେ ସେ ରହିଲେ। ଜନତା କିନ୍ତୁ ଭାଙ୍ଗିଲେ ନାହିଁ। ଯେ ଦର୍ଶନ ପାଇଲେ ସେ ହୁଏତ ଧୀରେ ଧୀରେ ବାହୁଡିଗଲେ; କିନ୍ତୁ ନୂଆ ନୂଆ ଦର୍ଶନାର୍ଥୀ ଶହ ଶହ, ହଜାର ହଜାର ସଂଖ୍ୟାରେ ଆସି ଜମା ହେଉଥାନ୍ତି। ୧୯୯୨ରେ ଭାରତର ବଡଲାଟ ଲର୍ଡ ହାର୍ଡିଞ୍ଜ ଯେତେବେଳେ ପ୍ରଥମ ଥର ପାଇଁ କଟକ ଆସିଥିଲେ, ସେତେବେଳେ ଲକ୍ଷ ଲକ୍ଷ ଲୋକ ଯେପରି ତାଙ୍କୁ ଦେଖିବା ପାଇଁ ରାସ୍ତା କଡରେ ଜମା ହୋଇଥିଲେ, ଗାନ୍ଧିଦର୍ଶନାର୍ଥୀ ଲୋକେ ସେହିପରି ଉଣାଅଧିକେ ଜମା ହେଲେ। କିନ୍ତୁ ଦଶ ବର୍ଷ ପରେ ଯେତେବେଳେ ଭାରତର ଦରିଦ୍ର ଜନତାର ହୃଦୟର ବଡଲାଟ ମହାତ୍ମାଗାନ୍ଧି କଟକରେ ଆସି ପହଂଚିଲେ, ସେତେବେଳେ ତାଙ୍କୁ ଦେଖିବା ପାଇଁ ସେହିଭଳି ହଜାର ହଜାର ଲୋକ ଆସି ଜମା ହେଲେ। ସୁଦୂର ଗାଁ ଗଣ୍ଡାରୁ ଚୂଡା, ଚାଉଳ ବାନ୍ଧି, ପିଲାକବିଲାଙ୍କୁ ଧରି ଲୋକେ ବହୁ ଦୂରରୁ ଚାଲି ଚାଲି ଆସିଥିଲେ। ହାର୍ଡିଞ୍ଜ ବେଳର ଆଟପଟୁଆର ନ ଥିଲା, ଆଡମ୍ବର ନ ଥିଲା, ପୁଲିସବାହିନୀ ନ ଥିଲେ ଏବଂ ତମ୍ବୁ ଓ ଶିବିର ନ ଥିଲା। ଲୋକେ ନଈକୂଳ, ଗଛମୂଳ, ନଈବାଲି ଓ ସହର ଭିତରେ କାହା ଦାଣ୍ଡ କାହା ପିଣ୍ଡା ଏପରିକି ଉନ୍ମୁକ୍ତ ପଡିଆରେ ଛାମୁଣ୍ଡିଆ ତଳେ ପଡିରହି ଗାନ୍ଧିଦର୍ଶନ ପାଇଁ ଭୋକ ଉପାସରେ ସୁଦ୍ଧା ଚାହିଁ ରହିଥିଲେ। ଇଂରେଜ ବଡଲାଟ ଓ ଭାରତର ଦେବୋପମ ନେତା ଗାନ୍ଧି ଏ ଦୁହିଁଙ୍କ ଆଗମନର ଯଥାକ୍ରମେ ଏକପକ୍ଷରେ ଆଡମ୍ବର ଓ ସାଜସଜ୍ଜା ଏବଂ ଅପରପକ୍ଷରେ ସରଳ, ସ୍ୱାଭାବିକ ଭକ୍ତି ଓ ଶ୍ରଦ୍ଧାପୂର୍ଣ୍ଣ ସମ୍ବର୍ଦ୍ଧନା ଏବଂ ଆନ୍ତରିକ ବନ୍ଦନା ମଧ୍ୟରେ ତୁଳନା କଲାବେଳେ ମନେହୁଏ ସତେ ଯେପରି କି ଭାରତୀୟଙ୍କର ହୃଦୟଦେବତା ସ୍ୱୟଂ ଜଗନ୍ନାଥ ଗାନ୍ଧି ରୂପରେ ଅବତୀର୍ଣ୍ଣ ହୋଇଗଲେ। ପୁରୀ ଧାମର ରଥଯାତ୍ରା




ପରି ଉତ୍କଳକୁ ଗାନ୍ଧିଙ୍କ ପ୍ରଥମ ଆଗମନ ଏକ ପବିତ୍ର ଯାତ୍ରା ରୂପେ ପାଳିତ ହୋଇଥିଲା। ଚାହୁଁ ଚାହୁଁ ସକାଳ ବିତିଗଲା। ଦିନ ଦି'ପହର ବି ବିତିଲା। ତଥାପି ଲୋକ ଛାଡୁ ନ ଥାନ୍ତି। ଗାନ୍ଧିଜୀଙ୍କର ନିତ୍ୟକର୍ମ ସରିଲା। ତାଙ୍କର ସେବା କରିବାପାଇଁ ନେତା ଓ ସ୍ୱେଚ୍ଛାସେବକମାନଙ୍କର କି ଆଗ୍ରହ। ବିରାଟ ଜନତା ଆଶ୍ରମ ଫାଟକରେ ଜମାହୋଇ ରହିଥିଲେ ସୁଦ୍ଧା ଆଶ୍ରମ ଭିତରେ ଗୁରୁ ଗମ୍ଭୀର ନୀରବତା ଦେଖାଯାଉଥାଏ। ନେତା ଓ ସ୍ୱେଚ୍ଛାସେବକମାନେ ଆପଣା ଆପଣା ଭିତରେ କଥା ହେଲାବେଳେ ଫୁସ୍‌ଫୁସ୍ କରି କଥା କହୁଥାନ୍ତି; ଯେପରିକି କୌଣସି ଗୋଳମାଳ ଓ ବିଶୃଙ୍ଖଳା ଦେଖିଲେ ଗାନ୍ଧିଜୀ ଦୁଃଖିତ ହେବେ। ଗାନ୍ଧିଜୀଙ୍କ ଉପସ୍ଥିତି, ବ୍ୟକ୍ତିତ୍ୱ ଓ ପ୍ରଭାବ ଏହି ନୀରବତାକୁ ହିଁ ଅନୁଭୂତ ହେଉଥାଏ। ସେଦିନ ଉପରବେଳା ସାଢେ ପାଂଚଟାବେଳେ କାଠଯୋଡି କୂଳ ଗଣେଶ ଘାଟ ତଳକୁ ଶୁଖିଲା ନଦୀର ବିସ୍ତୃତ ବାଲୁକା ଶଯ୍ୟାରେ ସାଧାରଣ ସଭା ଆରମ୍ଭ ହେଲା। ତା' ପୂର୍ବରୁ ହଜାର ହଜାର ସଂଖ୍ୟାରେ ଜନସମୁଦ୍ର ନଈବାଲି ଆଡକୁ ଛୁଟିଲେ; ନଈପାଣି ଧାରଠାରୁ କାଠଯୋଡି ପଥରବନ୍ଧ ଉପରେ ଏପରିକି ବନ୍ଧ କଡରେ ଥିବା ଗଛ ଉପରେ ଲୋକ ଖୁନ୍ଦି ହୋଇଯାଇଥାନ୍ତି। କେତେ ହଜାର ଲୋକ ହେବେ କଳନା କରି ହେଲା ନାହିଁ। ଆଶ୍ରମରୁ ଗାନ୍ଧି, କସ୍ତୁରବା, ପୁତ୍ର ଦେବଦାସ ଓ ତାଙ୍କ ଗହଣରେ ଆସିଥିବା ନେତାମାନେ; ଯଥା: ପଣ୍ଡିତ ଗୋପବନ୍ଧୁ ଓ ଶ୍ରୀ ଭାଗୀରଥି ମହାପାତ୍ର ଏବଂ ଓଡିଶାର ଅନ୍ୟାନ୍ୟ ନେତା ଓ କର୍ମୀମାନେ ସଭାମଣ୍ଡପଠାରେ ଉପସ୍ଥିତ ହେଲେ। ବଡ ବଡ କାଠର ଖଟ ପକାଇ ମଂଚା ତିଆରି କରି ତା ଉପରେ ଚଉକିରେ ନେଇ ବସାଇଲେ। ଯଥାବିଧି ଫୁଲମାଳ ଦିଆଯିବା ପରେ ଏବଂ "ବନ୍ଦେ ମାତରମ୍" ବୋଲାଯାଇ ସଭା ଆରମ୍ଭ ହେବାରେ ପଣ୍ଡିତ ଗୋପବନ୍ଧୁ ମହାତ୍ମାଗାନ୍ଧିଙ୍କୁ ଭକ୍ତିପୂର୍ଣ୍ଣ ଅଭିବାଦନ ଜଣାଇ କହିଲେ।

**ଗୋପବନ୍ଧୁଙ୍କ ସ୍ୱାଗତ ଭାଷଣ:-**

"ଭାଇମାନେ! ଯେଉଁ ମହାତ୍ମାଗାନ୍ଧିଙ୍କୁ ଆପଣମାନେ ଦେଖିବେ ବୋଲି ଏତେଦିନ ବ୍ୟାକୁଳ ହେଉଥିଲେ, ସେ ଆଜି ଆପଣମାନଙ୍କ ସମ୍ମୁଖରେ ବିଦ୍ୟମାନ। ସେ ଭାରତର ଘରେ ଘରେ, ଗ୍ରାମେ ଗ୍ରାମେ ଆବାଳବୃଦ୍ଧବନିତାଙ୍କ ନିକଟରେ ପରିଚିତ। ଅତଏବ ତାଙ୍କର ପରିଚୟ ଦେଇ ସଭାରେ ବିଧିରକ୍ଷା କରିବା ମୋ' ପକ୍ଷରେ ବିଡମ୍ବନା ମାତ୍ର। ଉତ୍କଳରେ ପ୍ରତ୍ୟେକ ସ୍ତ୍ରୀ ପୁରୁଷ ଏ ମହାପୁରୁଷଙ୍କୁ ଜାଣନ୍ତି। ରାଜନୀତି କ୍ଷେତ୍ରରେ ଉତ୍କଳ ଭାରତରେ ଆଶାନୁରୂପ ଅଗ୍ରସର ହୋଇନାହିଁ। କିନ୍ତୁ ଧର୍ମ ବିଷୟରେ ଏହା ଅଗ୍ରସ୍ଥାନ ଚିରକାଳରୁ ପାଇ ଆସୁଅଛି। ଏ ପର୍ଯ୍ୟନ୍ତ ଯେ ସମସ୍ତ ମହାପୁରୁଷ ଭାରତରେ ଜନ୍ମଗ୍ରହଣ କରି ନିଜର କୀର୍ତ୍ତି ଏ ପୂର୍ଣ୍ୟଭୂମିରେ ଛାଡିଯାଇଅଛନ୍ତି, ସେମାନେ ସମସ୍ତେ ଉତ୍କଳରେ ପଦାର୍ପଣ କରିପାରିଅଛନ୍ତି। ବୁଦ୍ଧଦେବଙ୍କଠାରୁ ଆରମ୍ଭ କରି କବିର, ରାମାନୁଜ, ଶଙ୍କର, ନାନକ, ଚୈତନ୍ୟ ପ୍ରଭୃତି ଯେ ସମସ୍ତ କ୍ଷଣଜନ୍ମା ଏ ପବିତ୍ର ଭାରତରେ ଜନ୍ମଗ୍ରହଣ କରିଥିଲେ ସମସ୍ତେ ଉତ୍କଳରେ, ନିଜର ଚିହ୍ନ ରଖିଯାଇଛନ୍ତି। ଆହୁରି ମଧ୍ୟ ଆଜକୁ ପ୍ରାୟ ତିନିଶହ ବର୍ଷ ତଳେ ଠିକ୍ ଆଜିର ଦୋଳପୂର୍ଣ୍ଣମୀ ତିଥିରେ ଚୈତନ୍ୟ ମହାପ୍ରଭୁ ଏହି ନଦୀର ବାଲୁକାରେ ପ୍ରେମଧର୍ମ ପ୍ରଚାର କରିଥିଲେ। ଆଜି ଅନ୍ୟ ଜଣେ ମହାପୁରୁଷ ପୁଣି ତିନିଶହ ବର୍ଷ ପରେ ଏହି ବାଲୁକାରେ ସେହି ତିଥିରେ ରାଜନୈତିକ ପ୍ରେମଧର୍ମ ପ୍ରଚାର କରିବାକୁ ଆସିଛନ୍ତି। ଆମର ଉତ୍କଳ ଧର୍ମ ନିମିତ ଯୁଗେ ଯୁଗେ ପ୍ରତିଷ୍ଠା ଲାଭ କରିଛି। ଆଜି ପୁଣି ଏହି ମହାତ୍ମାଙ୍କ ଯୋଗୁ ରାଜନୀତି ଧର୍ମନୀତି ଉପରେ ପ୍ରତିଷ୍ଠିତ ହୋଇପାରିଛି। ଏହି ଧର୍ମାତ୍ମା ଓ ପୂଣ୍ୟାତ୍ମାଙ୍କ ରାଜନୀତିରେ କୂଟ ରାଜନୀତିର ସତା ନାହିଁ। ତାଙ୍କ ପ୍ରଚାରିତ ଭାରତବାସୀଙ୍କ ଦ୍ୱାରା ଗୃହୀତ ଅହିଂସା ନୀତିକୁ ଆପଣମାନେ ଅନୁସରଣ କରିବାକୁ ପ୍ରସ୍ତୁତ। ଉତ୍କଳ ଯୁଗେ ଯୁଗେ ଧର୍ମ ବିଷୟରେ ଉଦାରତା ଦେଖାଇଛି। ନାନା ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟର ଲୋକେ ଉତ୍କଳରେ ଏକୀଭୂତ। ପୁରୀଧାମରେ ଜାତିଭେଦ ନାହିଁ। ଆଜି ମହାତ୍ମା ଗାନ୍ଧିଙ୍କ ଶୁଭାଗମନ ଉତ୍କଳ ଇତିହାସରେ ଏକ ନୂତନ ଓ ଚିରସ୍ମରଣୀୟ ଘଟଣା। ଆପଣମାନେ ଉତ୍କଳୀୟଙ୍କର ପୂର୍ବ ଗୌରବ ଓ ଧର୍ମ ଏବଂ ଉଦାରତା ସ୍ମରଣ ରଖି ମହାତ୍ମା ଗାନ୍ଧିଙ୍କ କଥା ଶ୍ରବଣ କରନ୍ତୁ।"

ଗାନ୍ଧିଜୀ ଖଣ୍ଡେ ଖଦୀଲୁଗା, ଖଦୀ କୁର୍ତ୍ତା ଓ ମୁଣ୍ଡରେ ଗୋଟିଏ ଖଦୀ ଟୋପି ଲଗାଇ ଚଉକି ଉପରେ ବସି ଅତି ଧୀରସ୍ଥିର ଗୁରୁଗମ୍ଭୀର ଭାବରେ ହିନ୍ଦୀରେ କହିଲେ। ସେଥିରୁ ଏଠାରେ ଅଳ୍ପ କେତୋଟି କଥା ଉଦ୍ଧାର କଲି।

"ଭାଇମାନେ! ମୁଁ ଠିଆହୋଇ କହିପାରିବି ନାହିଁ ବୋଲି କ୍ଷମା ମାଗୁଛି। ମୋ' ସଙ୍ଗରେ ଭାଇ ସୌକତ୍ ଅଲ୍ଲୀ ନାହାଁନ୍ତି। ସେ ଥିଲେ ମୋତେ କାର୍ଯ୍ୟରେ ଏଠାରେ ଖୁବ୍ ଅବସର ମିଳିଥା'ନ୍ତା। ଅତଏବ ମୁସଲମାନ ଭାଇମାନଙ୍କୁ ଏଥିନିମିତ କ୍ଷମା ମାଗୁଛୁ। ଆମେ ଦୁଇଭାଇ ହିନ୍ଦୁସ୍ଥାନର ପ୍ରତ୍ୟେକ ସ୍ଥାନ ବୁଲୁଛୁ। ହିନ୍ଦୁସ୍ଥାନରେ କିପରି ସମସ୍ତେ ସମ୍ମାନ ଓ ସୁଖରେ ରୁହନ୍ତୁ ଏବଂ ହିନ୍ଦୁ ଓ ମୁସଲମାନମାନଙ୍କର ଏକ ଆତ୍ମା ହୋଇଯାଉ ଏହା ହିଁ ଆମ ପର୍ଯ୍ୟଟନର ଉଦ୍ଦେଶ୍ୟ। ଏହି କଥା ଶୀଘ୍ର ଚାରିଆଡେ ପ୍ରକାର କରିବା ସକାଶେ ଆମେମାନେ ବର୍ତ୍ତମାନ ଅଲଗା ହୋଇ ଭିନ୍ନ ଭିନ୍ନ ଜାଗାରେ ବୁଲୁଛୁ। ମୁଁ ଜଣେ ସନାତନ ଧର୍ମବାଦୀ ହିନ୍ଦୁ ଓ ସୌକତ୍ ଅଲ୍ଲୀ ଜଣେ ଖାଂଟି ମୁସଲମାନ, କିନ୍ତୁ ଆମେ ଦୁଇଜଣ ଏକ ମା'ର ଦୁଇ ପୁଅ ପରି ଏକତ୍ର ରହି ଆସିଅଛୁ। ଆମେମାନେ ଚାହୁଁ ଯେ ଏକ ବର୍ଷ ମଧ୍ୟରେ ଅର୍ଥାତ୍ ଆଉ ୭/୮ ମାସ ଭିତରେ ପଞ୍ଜାବ ଅତ୍ୟାଚାର ଓ ଖିଲାଫତ ଅନ୍ୟାୟର ସମାଧାନ କରିବୁ। ଏକଥା ଆପଣମାନଙ୍କୁ ଅସମ୍ଭବ ଲାଗିପାରେ; କିନ୍ତୁ ଆମର କାର୍ଯ୍ୟରେ ବିଶେଷ ଆଶା ଓ ସୁଫଳ ଦେଖାଗଲାଣି। ମୁଁ ଏଣେ ବୁଲୁଛି, ସୌକତ୍ ତେଣେ ବମ୍ବେ, ଆଜମିର୍‌ରେ ବୁଲୁଛନ୍ତି। ସୌକତ ଏଠାକୁ ନଆସିପାରିଲେ ମୁଁ କାଲି ସକାଳେ ମୁସଲମାନମାନଙ୍କୁ ନେଇ ଏକ ସଭା କରିବି। ଆଜି କଂଗ୍ରେସ, ମୁସଲିମ୍ ଲିଗ୍, ଶିଖ ଲିଗ୍ ଏକ ସ୍ୱରରେ ସ୍ୱରାଜ ଚାହିଁଲେଣି। କାରଣ ସ୍ୱରାଜ ନପାଇଲେ ପଞ୍ଜାବ ଓ ଖିଲାଫତ ଅନ୍ୟାୟର ପ୍ରତିବିଧାନ କରିହେବନାହିଁ। ଆମମାନଙ୍କ ହାତରେ ତରବାରି ଓ ଶାରିରୀକ ବଳ ନାହିଁ। ସୌକତ ଅଲ୍ଲି ଇସ୍‌ଲାମ ଧର୍ମର ସ୍ୱାତନ୍ତ୍ୟ ରକ୍ଷାକରିବା ସକାଶେ ତରବାରି ଉତୋଳନ କରିବାକୁ ତତ୍ପର ଥିଲେ, କିନ୍ତୁ ସେ ସେଥିରୁ ବିରତ ହୋଇଛନ୍ତି; ସେ ଏବେ ବୁଝିଲେଣି ଯେ ଅହିଂସା-ତରବାରିର ଜୟ ପ୍ରକୃତ ଜୟ ଅଟେ। ମୋ' ମତରେ ଆମର ତରବାରି ଥିଲେ ସୁଦ୍ଧା ଶତ୍ରୁ ବା ପାପୀ ଆଗରେ ତାହା ଉତୋଳନ କରିବାର ନୁହେଁ। ମୁଁ ଆତ୍ମଯଜ୍ଞ, ଆତ୍ମଶୁଦ୍ଧି ଓ ସ୍ୱାର୍ଥତ୍ୟାଗ ଚାହେଁ। ମୁଁ ମରିଗଲେ ମଧ୍ୟ ଆଶାକରେ ଯେ ଆତ୍ମଶୁଦ୍ଧି ଦ୍ୱାରା ଆମର ଜୟ ହେବ। ସଇତାନ ଲୋକକୁ ତରବାରିର ଜବତ କରିବାକୁ ନୁହେଁ, ତାହାର ସଂସ୍ପର୍ଶରୁ ଚାଲିଆସିଲେ ସେ ନିଜେ ନିଜେ କ୍ଷମତାହୀନ ହୋଇପଡିବ। ହିନ୍ଦୁସ୍ଥାନରେ ଏଣିକି ତରବାରିର ରାଜ୍ୟ ପ୍ରତିଷ୍ଠା କରିବାକୁ ହେବନାହିଁ। ତରବାରିର ଡର ଛାଡ। ମନୁଷ୍ୟକୁ ଭୟ କରନାହିଁ। ଈଶ୍ୱରଙ୍କୁ ଡର, ଧର୍ମକୁ ଡର, ଆମ ନିଜ ଶକ୍ତିରେ କାର୍ଯ୍ୟ କରିବାକୁ ହେବ। ପ୍ରଥମେ ଆତ୍ମଶୁଦ୍ଧି କର। ଅସହଯୋଗ ଏକ ଧର୍ମଯୁଦ୍ଧ। ଆମେମାନେ ମରିଯାଇପାରୁ; କିନ୍ତୁ ଆମର କାର୍ଯ୍ୟ ବଜାୟ ରହିବ।

"ମୁଁ ଶୁଣିଲି ଉତ୍କଳର ଲୋକେ ଭୟାଳୁ। ଅସହଯୋଗ ନାମ ଶୁଣି ଡରୁଛନ୍ତି; ମାତ୍ର ଏ ନାମରେ ଡରର କଥା କିଛି ନାହିଁ। ଅସହଯୋଗ ଆମର ଧର୍ମ। ସ୍ୱରାଜ୍ୟ ଆମର ମୁକ୍ତି। ଲୋକମାନ୍ୟ ତିଳକଙ୍କ କଥାରେ ସ୍ୱରାଜ୍ୟ ଆମର ଜନ୍ମସିଦ୍ଧ ହକ। ରାଜନୀତି କ୍ଷେତ୍ରରେ ଯେ ଅତ୍ୟାଚରୀ, ତାହାର ଦମନ କରିବା ମୋର ଧର୍ମ।

"ପୁରୀରେ ଯେଉଁ ଦୁର୍ଭିକ୍ଷ ପଡିଥିଲା ତାହା କିପରି ଆଉ ନ ହେବ, ଲୋକେ କିପରି ଅନ୍ନବସ୍ତ୍ର ଅଭାବରେ ନ ମରନ୍ତୁ, ହିନ୍ଦୁସ୍ଥାନରେ ଯେପରି କେହି ଗରିବ ନ ରୁହନ୍ତୁ, ଭାଇ ଅମୃତଲାଲ ଠକରଙ୍କଠାରୁ ଶୁଣିଛି-ହଜାର ହଜାର ଲୋକ ପୁରୀରେ ଖାଦ୍ୟ ବିନା ମରିଗଲେ। ଆଉ ଯେପରି ସେପରି ନ ଘଟେ, ତାହାର ପ୍ରତିକାର କରିବାକୁ ହେବ। ମୁଁ ବାରମ୍ବାର ଆତ୍ମଶୁଦ୍ଧି ଓ ତପଶ୍ଚର୍ଯ୍ୟା କଥା କହୁଛି। କଟକକୁ ଆସି ଶୁଣିଲି ଯେ, ଏଠା ମୁସଲମାନମାନେ ନିୟମିତ ଭାବରେ ମସ୍‌ଜିଦ୍‌କୁ ଯାଉଛନ୍ତି ଏବଂ ଅନେକ ମଦଖିଆ ବନ୍ଦ କଲେଣି। ଏହି ତ' ସ୍ୱରାଜ୍ୟର ଉପଯୁକ୍ତ ନିଶାଣ। ପରସ୍ତ୍ରୀ ସଂସର୍ଗ, ମଦ୍ୟପାନ, ଦ୍ୟୁତକ୍ରୀଡା, ତମାଖୁଖିଆ, ଚୋରି, ମିଥ୍ୟା ଆଦି ବ୍ୟସନ ତ୍ୟାଗ କର, ଅବକାରୀ ଜିନିଷ ସବୁ ଛାଡ।

"ବିଦେଶୀ ଜିନିଷ ବିଶେଷତଃ ପରଦେଶୀ ଲୁଗା ଛାଡ, ଉତ୍କଳରେ ସମସ୍ତେ ଖଦୀ ପିନ୍ଧନ୍ତୁ। ମୁଁ ଯେଉଁ ଖଦଡ ପିନ୍ଧିଛି ସେଥିରୁ ମୁଁ ଶୁଦ୍ଧତା ଅନୁଭବ କରୁଛି। ମୋତିଲାଲ ନେହେରୁ, ଚିତରଞ୍ଜନ ଦାସ, ହାକିମ ଆଜମଲ ଖାଁ ଯେ ମଲମଲ ପିନ୍ଧୁଥିଲେ, ସେ ଆଜି ମୋଟା ଦଶିଆ ଖଦୀ ପିନ୍ଧୁଛନ୍ତି। ଆପଣମାନେ ହାତରେ ସୂତା କାଟି ଲୁଗା ବୁଣନ୍ତୁ। ଓଡିଶାରେ ଥରକୁ ଥର ଦୁର୍ଭିକ୍ଷ ପଡୁଛି, ତାହାର ଏହା ଔଷଧ। ଆମେ ଯେବେ ହାତବୁଣା ଲୁଗା ପିନ୍ଧିବୁ, ଏ ଦେଶରେ ଷାଠିଏ କୋଟି ଟଙ୍କା ରହିଯିବ। ଉତ୍କଳର ଲୋକସଂଖ୍ୟା ଦେଢ କୋଟି। ଓଡିଆଙ୍କ ସଂଖ୍ୟା କୋଟିକରୁ ବେଶୀ। ପ୍ରତ୍ୟେକ ଦୁଇପଇସା ଦେଲେ ତିନି ଲକ୍ଷରୁ ବେଶୀ ଟଙ୍କା ଆଦାୟ ହେବ। ଏହି ଚାନ୍ଦା ଆମ ସ୍ୱରାଜ୍ୟର ମୂଳଧନ। ଏଥିରେ ଜାତୀୟ ବିଦ୍ୟାଳୟ, ପଂଚାୟତ ପ୍ରତିଷ୍ଠା, ଅରଟ ପ୍ରଚାର ପ୍ରଭୃତି ହେବ। ତା'ହେଲେ ବିଲାତକୁ ଆଉ ଡେପୁଟେସନ୍ ପଠାଇବା ଦରକାର ହେବ ନାହିଁ। ହାତେ ହାତେ ସ୍ୱରାଜ ମିଳିବ। ଆପଣ ଭାରତବାସୀ ସତର କୋଟି ଟଙ୍କା ମଦଖିଆରେ ଦେଉଛନ୍ତି। ତାହା ବନ୍ଦ କଲେ ସେହି ଟଙ୍କା ସାହାଯ୍ୟରେ ସ୍ୱରାଜ୍ୟର ପନ୍ଥା ସୁଗମ ହେବ। ଭାଇମାନେ, ଏକକୋଟି ଟଙ୍କା ଚାନ୍ଦା ଦିଅ, ସ୍ୱରାଜ୍ୟ ନିଅ। ଏ କଥାକୁ ଦୃଢ ବିଶ୍ୱାସ ରଖି କାର୍ଯ୍ୟକର।

"ଆପଣମାନେ ଉତ୍କଳବାସୀ ଗଞ୍ଜାମ, ଜୟପୁର, କାନ୍ଥି, ସିଂହଭୂମି ଓ ମଧ୍ୟପ୍ରଦେଶ ଓଡିଆ ଅଂଚଳକୁ ମିଶାଇ ଏକ ସ୍ୱତନ୍ତ୍ର ପ୍ରଦେଶ ଚାହୁଁଛନ୍ତି। ଅବଶ୍ୟ ଭାରତର ସମସ୍ତ ପ୍ରଦେଶ ଜାତୀୟ ଭାଷା ସୂତ୍ରରେ ଗଢା ହୋଇ ମୂଳଦୁଆ ଦମ୍ଭ ହେଲେ ଭାରତର ସ୍ୱରାଜ୍ୟ ସ୍ଥାୟୀ ହେବ। କିନ୍ତୁ ଏକ ପ୍ରଦେଶ ଚାହିଁବା ପୂର୍ବରୁ ସେଥିପ୍ରତି କି କାର୍ଯ୍ୟ କରୁଛ, ତାହା ଆଗ ଦେଖାଅ। ସବୁ ପ୍ରଦେଶଗୁଡିକୁ ଆତ୍ମନିୟନ୍ତ୍ରଣ ଅଧିକାର ଦେବା ସଙ୍ଗେ ସଙ୍ଗେ ଆମ ମହାଭାରତୀୟ ଦେଶକୁ ଏକ ଆତ୍ମା କରିବାକୁ ହେବ। ୨୨କୋଟି ହିନ୍ଦୁ ଓ ୭କୋଟି ମୁସଲମାନ ଏକ ହୁଅ। ଆତ୍ମବିଶ୍ୱାସ ରଖ, ଆତ୍ମଶୁଦ୍ଧି କର। ସମସ୍ତେ ଜଣେ ଜଣେ ଫକୀର ହୋଇଯାଅ। ପ୍ରତ୍ୟେକ ଜିଲ୍ଲାରେ ଓ ଗ୍ରାମରେ ଗ୍ରାମଶାସନମାନ ଗଠନ କର, ତେବେ ବର୍ଷକ ଭିତରେ ସ୍ୱରାଜ୍ୟ ପାଇବ।

**ଉମାଶଙ୍କର ପ୍ରସାଦ,**
**ସ୍ତମ୍ଭକାର, 'ମାର୍ଗଦର୍ଶୀ', ମୋବାଇଲ ଫୋନ୍ ନଂ-୬୩୭୦୬୭୫୫୬୨**

# ଲୁଥେରାନ ମହିଳା ସମିତି ଶିଶୁଯତ୍ନ କେନ୍ଦ୍ରର ହାଉସକିପରଙ୍କ ସହ ଦୁଷ୍କର୍ମରୁ ଶିଶୁସନ୍ତାନ ଜନ୍ମ

କେନ୍ଦ୍ରାପଡା (ପିଏନ୍): ଲୁଥେରାନ ମହିଳା ସମିତି ଶିଶୁ ଯତ୍ନ କେନ୍ଦ୍ରର ହାଉସକିପରଙ୍କ ସହ ଦୁଷ୍କର୍ମରୁ ଶିଶୁ ସନ୍ତାନ ଜନ୍ମ ଅଭିଯୋଗର ତଦନ୍ତ ପାଇଁ ଆସନ୍ତା ୫ତାରିଖରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା କେନ୍ଦ୍ରାପଡା ଗସ୍ତରେ ଆସୁଥିବା ସୂଚନା ମିଳିଛି। ଘଟଣା ଅନୁଯାଇ କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବ୍ଲକ ଅନ୍ତର୍ଗତ ଲୁଥେରାନ ମହିଳା ସମିତି ଦ୍ୱାରା ପରିଚାଳିତ ଶିଶୁ ଯତ୍ନ କେନ୍ଦ୍ର(ସି.ସି.ଆଇ.)ର ହାଉସକିପର ଭାବେ କାର୍ଯ୍ୟରତ ଜନୈକ ମାନସିକ ଦୁର୍ବଳ ମହିଳାଙ୍କୁ ଲୁଥେରାନ ମହିଳା ସମିତିର ସଭାପତି ଘର ଝାଡୁକରିବା, ବାସନମାଜିବା ପ୍ରଭୃତି କାମକରିବାକୁ ତାଙ୍କ ଭାଇଙ୍କ ଘରକୁ ପଠାଇଥିବାବେଳେ ତାଙ୍କ ଭାଇ ତଥା ଶିଶୁ ଯତ୍ନ କେନ୍ଦ୍ରର ସୁପରିନଟେଣ୍ଡେଂଟଙ୍କ ପିତା ସଂପୃକ୍ତ ମହିଳା କର୍ମଚାରୀଙ୍କ ସରଳତାର ସୁଯୋଗ ନେଇ ଜୋରଜବରଦସ୍ତ ତାଙ୍କୁ ବାରମ୍ବାର ଦୁଷ୍କର୍ମ କରିବା ସହ ବାହାରେ ସେ ସମ୍ପର୍କରେ ପ୍ରକାଶ କଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ ବୋଲି ଅଭିଯୋଗ ହୋଇଛି। ଫଳରେ ସଂପୃକ୍ତ ପିଡିତା ମହିଳା ଜଣକ ଏକ ଶିଶୁପୁତ୍ରକୁ ଜନ୍ମଦେଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଜାଣିବା ପରେ ଶିଶୁଯତ୍ନ କେନ୍ଦ୍ରର ହାଉସ ମଦର ରେଣୁବାଳା ପଣ୍ଡା ଘଟଣା ସମ୍ପର୍କରେ ସଭାପତିଙ୍କୁ କହିବାରେ ସଭାପତି ତାଙ୍କୁ ଗାଳିଗୁଲଜ କରିବା ସହ ଏ ସମ୍ପର୍କରେ କାହାକୁ କହିଲେ ଚାକିରୀରୁ ବାହାର କରିଦେବେ ବୋଲି ଧମକ ଦେଇଥିବା ଅଭିଯୋଗ ହୋଇଛି। ତେଣୁ ସେ ଘଟଣା ସମ୍ପର୍କରେ ମହିଳା ସମିତିର ସମ୍ପାଦିକାଙ୍କୁ ଜଣାଇବାକୁ ବାଧ୍ୟ ହୋଇଥିଲେ। ସମ୍ପାଦିକା ସମିତିର ସଭାପତିଙ୍କୁ ଏ ସମ୍ପର୍କରେ ପଚାରିବାରେ ସମିତିର ସଭାପତି ଏବଂ ସୁପରିନଟେଣ୍ଡେଂଟ ଦୁଇଜଣ ଶିଶୁଟିକୁ ଓ ଉଭୟ ପିଡିତା ଏବଂ ଅଭିଯୋଗକାରୀ ହାଉସ ମଦରଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିବା ମଧ୍ୟ ଅଭିଯୋଗ ହୋଇଛି। ଶିଶୁ ଯତ୍ନ କେନ୍ଦ୍ରର ହାଉସ ମଦର ମାର୍ଶାଘାଇ ଥାନାରେ ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ ବି ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରିନଥିବା ସୂଚନା ମିଳିଛି। ଶିଶୁ ଯତ୍ନ କେନ୍ଦ୍ରରେ ପିଡିତାଙ୍କ ଠାରୁ ଜନ୍ମିତ ଶିଶୁ ସନ୍ତାନ ସମ୍ପର୍କରେ କୌଣସି ରେକର୍ଡ ରଖାଯାଇନଥିବା ବେଳେ ପ୍ରତିମାସରେ ଏକାଧିକ ଥର ବିଭିନ୍ନ ତଦନ୍ତ ଓ ପରିଦର୍ଶନ ଆଳରେ ସେହି ଶିଶୁ ଯତ୍ନ କେନ୍ଦ୍ରକୁ ଯାଉଥିବା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ପିଓ ଆଇସି ସବୁଜାଣି କେଉଁ କାରଣରୁ ମୁହଁ ବନ୍ଦ ରଖିଥିଲେ ତାହା ସାଧାରଣରେ ଗଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି। ସମିତିର ସମ୍ପାଦିକା ମୀନାରାଣି ଭୂୟାଁ ଘଟଣା ସମ୍ପର୍କରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କୁ ଅବଗତ କରିବା ପରେ ଆୟୋଗ ଅଭିଯୋଗକୁ ଶିଶୁ ସୁରକ୍ଷା ଆଇନ-୨୦୦୫ର ଧାରା ୧୩(୧) (ଜେ) ଅନୁଯାୟୀ ଗ୍ରହଣ କରିବା ସହ ଅଭିଯୁକ୍ତଙ୍କ ସମେତ ଘଟଣାକୁ ଚପେଇଦେବାକୁ ପ୍ରୋତ୍ସାହିତ କରିଥିବା ସମସ୍ତ ପ୍ରୋତ୍ସାହନକାରୀଙ୍କୁ ଶିଶୁ ଯତ୍ନ କେନ୍ଦ୍ରକୁ ପ୍ରବେଶ ଉପରେ ନିଷେଧାଦେଶ ଜାରିକରି କେନ୍ଦ୍ରାପଡା ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ଘଟଣାର ତଦନ୍ତ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗତ ମାର୍ଚ୍ଚମାସ ୩୦ତାରିଖରେ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ଏତଦବ୍ୟତିତ ଆସନ୍ତା ୧୨ତାରିଖ ମଧ୍ୟରେ ଆୟୋଗଙ୍କୁ ଏସମ୍ପର୍କରେ ରିପୋର୍ଟ ପ୍ରଦାନ କରିବାକୁ ମଧ୍ୟ ଜିଲ୍ଲାପାଳ ଓ ଏସପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଆସନ୍ତା ୫ତାରିଖରେ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡାବ୍ଲକ ଅନ୍ତର୍ଗତ ପାଟଳିପଙ୍କର ଲୁଥେରାନ ମହିଳା ସମିତିକୁ ତଦନ୍ତ ପାଇଁ ଆସୁଥିବା ସୂଚନା ମିଳିଛି।

# ମୁରୁଜ ଓ ମିଠା ପାନର ବାସ୍ନାରେ ଚହଟିଲା ଓଡ଼ିଆଣୀ ପ୍ରତିଯୋଗିତା

ଭୁବନେଶ୍ୱର (ପିଏନ୍)-ଆମର ପ୍ରଖ୍ୟାତ ପ୍ରଥା ଓ ପାଶୋରି ହେଉନଥିବା ପରମ୍ପରା ଓ ଚଳଣୀକୁ ନେଇ ଏକ ଅଭିନବ ମହୋତ୍ସବର ପରିକଳ୍ପନା ଓଡ଼ିଆ ମହୋତ୍ସବ। ଅନ୍ୟତ୍ର ନୃତ୍ୟ,ଗୀତର ପ୍ରାଧାନ୍ୟକୁ ନେଇ ଅନେକ ଉତ୍ସବ ଓ ମହୋତ୍ସବ ଆୟୋଜିତ ହେଉଥିବା ବେଳେ ପ୍ରଥା,ପରମ୍ପରା ଓ ଚଳଣୀକୁ ଏକତ୍ର କରି ରୂପ ନେଇଛି ଏହି ଅଭିଯାନ। ଆମେ ଭୁଲି ଯାଉଥିବା ଭାଷା ଓ ସଂସ୍କୃତି ଭରି ରହିଛି ଏହି ପ୍ରଥା ଓ ପରମ୍ପରା ମଧ୍ୟରେ। ଏହାର ସୁରକ୍ଷା ତଥା ସଂପ୍ରସାରଣ ପାଇଁ ସାଂସ୍କୃତିକ ଆନ୍ଦୋଳନ ଭାବେ ଓଡ଼ିଆ ମହୋତ୍ସବର ପ୍ରମୁଖ କାର୍ଯ୍ୟକ୍ରମ ରୂପେ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ଧାରାବାହିକତା ରକ୍ଷା କରି ଷୋଡଶ ବର୍ଷରେ ପହଞ୍ଚିବା କିଛି କମ କଥା ନୁହେଁ। ଏହି ଭଳି ବକ୍ତବ୍ୟ ସହ ଓଡ଼ିଆଣୀମାନଙ୍କ ଦ୍ୱାରା ଅଙ୍କିତ ସୁଦୃଶ୍ୟ ଝୋଟି ଓ ଉତ୍ସବ ସ୍ଥଳରେ ଭଙ୍ଗା ଯାଉଥିବା ମିଠାପାନର ମହକ ମଧ୍ୟରେ ସଂଭାବନା ପକ୍ଷରୁ ଆରମ୍ଭ ହୋଇଥିଲା ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତାର ଦ୍ୱିତୀୟ ସଂଧ୍ୟା। ସଂଭାବନା ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବର ପ୍ରମୁଖ ଅତିଥି ଥିଲେ ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକ, ସମ୍ମାନିତ ଅତିଥି ୨୦୧୯ର ଶ୍ରେଷ୍ଠ ଓଡିଆଣୀ ଶ୍ରୀମତୀ ମୀନା ପାଣିଗ୍ରାହୀ। ମଞ୍ଚରେ ଉପସ୍ଥିତ ଥିଲେ ସଂଭାବନାର ସଭ୍ୟା, ସାହିତ୍ୟିକା, କଣ୍ଠଶିଳ୍ପୀ ଛନ୍ଦା ମିଶ୍ର ଓ ପରିଚାଳନା ଟ୍ରଷ୍ଟି ଦେବପ୍ରସାଦ ପରିଜା। ଉତ୍ସବ ସ୍ଥଳରେ ଅଙ୍କାଯାଇଥିବା ମୁରୁଜ କାର୍ତ୍ତିକ ମାସ ପଞ୍ଚୁକର ଭ୍ରମ ସୃଷ୍ଟି କରୁଥିବା ବେଳେ ଓଡ଼ିଆଣୀମାନଙ୍କ ଦ୍ୱାରା ପ୍ରସ୍ତୁତ ମିଠାପାନ ରଜ ଉତ୍ସବକୁ ମନେ ପକାଇ ଦେଉଥିଲା।ଏହି ସବୁ ମଧ୍ୟରେ ଉତ୍ସାହୀ ଓଡ଼ିଆଣୀମାନଙ୍କ ଗହଣରେ ଅନୁଷ୍ଠିତ ଉତ୍ସବକୁ ପ୍ରତ୍ୟକ୍ଷ ପରିଚାଳନା କରୁଥିଲେ ସଂଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତି। ଓଡ଼ିଆଣୀ ପ୍ରତିଯୋଗିତାର ପାନଭଙ୍ଗାର ବିଚାରକ ଭାବେ ଉପସ୍ଥିତ ଥିଲେ କବି ଦୁର୍ଗା ଚରଣ ଷଡ଼ଙ୍ଗୀ ଓ ଲେଖକ ତଥା ସାମ୍ବାଦିକ ବିଜୟ କୁମାର ମହାନ୍ତି। ସେହିଭଳି ମୁରୁଜର ବିଚାରକ ଥିଲେ ଚିତ୍ରଶିଳ୍ପୀ ଗଜେନ୍ଦ୍ର ପାଢୀ ଓ ପଞ୍ଚାନନ ସାମଲ। ଏହି ଅବସରରେ ଓଡ଼ିଆ ସଂଗୀତ ପରିବେଷଣ କରାଯାଇଥିଲା।ଏହି କାର୍ଯ୍ୟକ୍ରମକୁ ସଂଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତି, ସଦସ୍ୟ ରାଜଶ୍ରୀ ଶତପଥି, ପ୍ରଫୁଲ୍ଲ ଦେ ଓ ସତ୍ୟବ୍ରତ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ଏହା ପରଦିନ ଓଡ଼ିଆଣୀଙ୍କ ମଧ୍ୟରେ ଝୋଟି ଓ ହୁଳହୁଳି ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଆୟୋଜକମାନେ ଘୋଷଣା କରିଥିଲେ।

## ଯାଜପୁର ସହରରେ ବାଲିମେଲଣ ଅନୁଷ୍ଠିତ

ଯାଜପୁର (ପିଏନ୍): ଯାଜପୁର ସହରର ପବିତ୍ର ବୈତରଣୀ ନଦୀ ତଟସ୍ଥିତ ବରାହନାଥ ପୀଠରେ ବହୁପୁରାତନ ବାଲିମେଲଣ କୋଭିଡ୍ କଟକଣା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଏବଂ ଭଦ୍ରକ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ବିମାନରେ ରାଧାକୃଷ୍ଣଙ୍କୁ ସୁସଜ୍ଜିତ କରି ଦୋଳ ମଣ୍ଡପକୁ ଅଣାଯାଇଥିଲା। କୋଭିଡ କଟକଣା ଯୋଗୁଁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମେଳା ତଥା ଜନସମାଗମ ହୋଇନଥିଲେ ମଧ୍ୟ ବିଧିରକ୍ଷା କରିବା ନିମନ୍ତେ ଠାକୁରଙ୍କୁ ନେଇ ନିରାଡମ୍ବର ଭାବରେ ଦୋଳ ପଡିଆରେ ଆସ୍ଥାନରେ ବସାଯାଇଥିଲା। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପ୍ରତ୍ୟେକ ବିମାନକୁ ଶୁଖିଲା ଭୋଗ, ଫୁଲ, କର୍ପୂର, ନଡିଆ, ଧୂପ ଦେଇ ଅର୍ଚ୍ଚନା କରାଯାଇଥିଲା। ଜଳହରାର ଗିରିଧାରୀ ଜୀଉ, ବରାହନାଥର ରାଧାକୃଷ୍ଣ, ନୂଆପାଟଣାର ଗୋପୀନାଥ ଜୀଉ, ଲାଲବାଗର ଗୋବିନ୍ଦ ଜୀଉ, ସଇପୁରର ରାଧା ମଦନମୋହନ, ବାଛିଆରୀର ଗୋପାଳଜୀଉ, ରଘୁନାଥପୁରର ରାଧାକୃଷ୍ଣ ଜୀଉ, ଦେଉଳବାଡର ହରେକୃଷ୍ଣ ଜୀଉ, ଦିହୁଡି ଆନନ୍ଦପୁରର ମଦନ ମୋହନ, ବଡ ଜଳହରାର ରାଧାକୃଷ୍ଣ, କମାଗଡର ରାଧାକୃଷ୍ଣ ଜୀଉ, ନହରାପୁରର ରାଧେଶ୍ୟାମ ଜୀଉ, ସିମିଳିଆର ମଦନମୋହନ ଜୀଉ, ଓଲେଇପଡାର ରାଧାକୃଷ୍ଣ, ଅଙ୍ଗରଗଡିଆର ରାଧାକୃଷ୍ଣ ଜୀଉ, ମାଳଦାର ରାଧାକୃଷ୍ଣ, ମଙ୍ଗଳପୁର ରାଧାକୃଷ୍ଣ, ଚଇନିପୁରର ରାଧାରାଣୀ ଗୋପୀନାଥ, ଯାହାନପୁରର ଗୋପୀନାଥ, ରହଣିଆର ନୃସିଂହ ନାରାୟଣ, ବିରୋଳିର ରାଧାକୃଷ୍ଣ, କୁଶିର ମଦନମୋହନ, କମାଗଡର ବୃନ୍ଦାବନ ଚନ୍ଦ୍ର ଚୀଉ, ବାଣପୁରର ମଦନମୋହନ ଜୀଉ, ବାଙ୍କମୁହାଁର ରାଧାଗୋବିନ୍ଦ ଜୀଉ, ସୁଧଗୋବିନ୍ଦାର ରାଧାଗୋବିନ୍ଦ, ଭଣ୍ଡାରୀପୋଖରୀର ରାଧାଗୋବିନ୍ଦ ଜୀଉ, ବିରୋଳିର ବାଲ୍‌ଗୋପାଲ୍, କୋରକରାର ଗୋପାଳଜୀଉ, କଳିନ୍ଦ୍ରାବାଦ୍‌ର ରାଧାକୃଷ୍ଣ ଜୀଉ, ବାମଦେବପୁରର ରାଧାକୃଷ୍ଣ, ବଖାଣପୁରର ରାଧାବିନୋଦ, ହଜାରୀ ସାହିର ରାଧାକୃଷ୍ଣ, ଖଇରାବାଦର ଗୋପାଳଜୀଉ, ମଣିନାଥପୁରର ଗୋପୀନାଥ ଜୀଉ, ଜାଫରପୁରର ଶ୍ୟାମସୁନ୍ଦର, କୁମ୍ଭାରିଆର ଗୋପୀନାଥଜୀଉ, ବେଲାରପୁରର ରାଧାଗୋବିନ୍ଦ, ମହିଷାଗଡିଆର ମଦନମୋହନ, ବୈଦ୍ୟରାଜପୁରର ମଦନ ମୋହନ, ଦାଣ୍ଡସୁନ୍ଦରପୁର ଅନନ୍ତଗୋପାଳ, ବରାହନୂଆପଡାର କହ୍ନେୟାଲାଲ, ବିଚିତ୍ରପୁରର ମଦନମୋହନ, ତ୍ରିଲୋଚନପଡାର ରାଧାଗୋବିନ୍ଦ, ବୈଦ୍ୟରାଜପୁରର କୁଞ୍ଜବିହାରୀ, ଅଲିବାଗର ଆଣ୍ଠୁଆଗୋପାଳ, ଷୋଳହମପୁରର ରାଧାକୃଷ୍ଣ, ଗଣପତିପୁରର ରାଧାରମଣ ଜୀଉ, ଯାଜପୁର ସହରର ଅଭିରାମ ପରମହଂସ ଦେବ, ପାଟପୁରର ମଦନମୋହନ, ବରୁଆଡିର ମଦନମୋହନ, ଚତୁର୍ଭୁଜପୁରର ରାଧାକୃଷ୍ଣ, ନହରପଦାର ଶ୍ୟାମସୁନ୍ଦର ଜୀଉ ଏବଂ ଯାଗେଶ୍ୱରପୁରର ରାଧାଗୋବିନ୍ଦ ଜୀଉ ପ୍ରମୁଖ ଶତାଧିକ ବିମାନ ମେଳଣ ପଡିଆରେ ଏକତ୍ରିତ ହୋଇଥିଲେ। ଯାଜପୁରର ବାଲିମେଳଣ କମିଟି ତରଫରୁ ଶରତ ଚନ୍ଦ୍ର ମହାରଣା, ଇଂ. ଶିବ ପ୍ରସାଦ ବଳ, ଆଡ୍‌ଭୋକେଟ୍ ଦିଲ୍ଲୀପ କୁମାର ଦାସ, କ୍ଷୀରୋଦ ଚନ୍ଦ୍ର ପାଠୀ, ସନ୍ତୋଷ କୁମାର ନନ୍ଦ, ଆଡ୍‌ଭୋକେଟ୍, ପ୍ରତିମା କର, ନାରାୟଣ ସାମନ୍ତ, ହୃଷିକେଶ ପତି, ଭାସ୍କର ମହାନ୍ତି, ଆଡ୍‌ଭୋକେଟ୍ ଗୋବିନ୍ଦ ଚନ୍ଦ୍ର ସାହୁ, ମଧୁସୂଦନ ମହାନ୍ତି, ବୃନ୍ଦାବନ ମିଶ୍ର, ସନ୍ତୋଷ ସ୍ୱର୍ଣ୍ଣକାର, ଜଗତ୍ କୁମାର ନାୟକ, ଅଧିକାରୀ ନବ କିଶୋର ଦାସ, ଭାନୁଦତ୍ତ ରାୟ, ସତତ୍ୟରଂଜନ ବିଶ୍ୱାଳ, ନିଶୀଥ ଦାସ, ମହେନ୍ଦ୍ର କୁମାର ଦାସ, ପାଣ୍ଡବ ଚରଣ ସାହୁ, ଦୁର୍ଯ୍ୟୋଧନ ପଣ୍ଡା, ବାପି ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ନିମନ୍ତେ ପୋଲିସ୍ ପ୍ରଶାସନ ତରଫରୁ ବନ୍ଦୋବସ୍ତ କରାଯାଇଥିଲା। ମେଳଣ ପଡିଆରେ ଆଲୋକ ସଜ୍ଜା କରାଯାଇ ବିମାନ ଆସିବା ନିମନ୍ତେ ସମସ୍ତ ପ୍ରକାର ସୁବିଧା କରାଯାଇଥିଲା।

## ପାନୀୟଜଳ ସମସ୍ୟାର ସମାଧାନ ପାଇଁ ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ପ୍ରକଳ୍ପ ନିର୍ମାଣ ଆରମ୍ଭ



କେନ୍ଦ୍ରାପଡା (ପିଏନ୍): ଜିଲ୍ଲାର କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଗ୍ରାମପଞ୍ଚାୟତରେ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ସରପଞ୍ଚ ପୁଷ୍ପଲତା ସେନାପତିଙ୍କ ପ୍ରତ୍ୟକ୍ଷ ଉଦ୍ୟମରେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ପଂଚାୟତରେ ବହୁବିଧ ଉନ୍ନତିମୂଳକ କାର୍ଯ୍ୟ କରି ସୁନାମ ଅର୍ଜନ କରିଥିବା ସରପଞ୍ଚ ଶ୍ରୀମତୀ ସେନାପତି ପଞ୍ଚାୟତର ହାଲପୁର, ମରଡପୁର ଓ ନାନକାର ପ୍ରଭୃତି ୩ଟି ଗ୍ରାମରେ ଥିବା ପାନୀୟ ଜଳ ସଙ୍କଟର ସମାଧାନ ନିମନ୍ତେ ୮୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ପାନୀୟ ଜଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏଥିନିମନ୍ତେ 'ଜଳ ଜୀବନ' ଯୋଜନାରେ ତିନିବର୍ଷ ପୂର୍ବେ ଗ୍ରାମୀଣ ପାନୀୟ ଜଳ ଯୋଗାଣ ଓ ପରିମଳ ଡିଭିଜନରେ ପଞ୍ଚାୟତ ପାଣ୍ଠିରୁ ୧୦ଲକ୍ଷ ଟଙ୍କା ଜମା କରିଥିଲେ ସରପଞ୍ଚ। ସେହି ପ୍ରକଳ୍ପ ଦ୍ୱାରା ୩ଟି ଗ୍ରାମର ୩ହଜାର ୫ଶହ ଲୋକ ଉପକୃତ ହୋଇ ପାରିବେ। ନିର୍ବାଚନ ସମୟରେ ପ୍ରତିଶୃତି ଦେଇଥିବାରୁ ସରପଞ୍ଚ ଶ୍ରୀମତୀ ସେନାପତି ତାଙ୍କ ପ୍ରତିଶୃତି ରକ୍ଷାକରି ଏପରି ଏକ ଅତ୍ୟାବଶ୍ୟକ ପ୍ରକଳ୍ପର ବିଭାଗୀୟ ସହକାରୀ ଯନ୍ତ୍ରୀ ଇଂ. ରବିନାରାୟଣ ପଣ୍ଡାଙ୍କ ଉପସ୍ଥିତିରେ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରିଥିବାବେଳେ ସରପଞ୍ଚଙ୍କ ପ୍ରତିନିଧି ବିଦ୍ୟୁତରଞ୍ଜନ ସେନାପତି, ସୁରେନ୍ଦ୍ର କୁମାର ସ୍ୱାଇଁ, ୱାର୍ଡ ସଭ୍ୟ ମମତା ବେହେରା, ଶିବ ସୁନ୍ଦର ବାରିକ, ଗଣେଶ୍ୱର ମଲ୍ଲିକ, ନିର୍ମଳ ସେଠୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୧, ଅଗଷ୍ଟ ୧୨

# ହକିର ହବ୍ ଓଡ଼ିଶା

ହକିର ହବ୍ ପାଲଟିଛି 'ଓଡ଼ିଶା' । ତାହା ପୁଣି ହକିପ୍ରେମୀ ମାନଙ୍କ ସହାୟତାରେ ଏବଂ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଚେଷ୍ଟାରେ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରୋତ୍ସାହନ ହେତୁ ଭୁବନେଶ୍ୱରଠାରେ ହକି ବିଶ୍ୱକପ୍‌ର ଆୟୋଜନ ହେବା, ସଫଳତା ଲାଭ କରିବା ଆୟୋଜନର କମ୍ ଗୌରବର କଥା ନୁହେଁ । ଏ ସବୁର ଶ୍ରେୟ ଯିବ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ । ବର୍ତ୍ତମାର ସମ୍ପ୍ରତି ସମୟରେ ରାଉରକେଲାରେ ଦ୍ୱିତୀୟ ହକି ବିଶ୍ୱକପ୍ ୨୦୨୩ରେ ଆୟୋଜନ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ହକି ଇଣ୍ଡିଆକୁ ପ୍ରସ୍ତାବ ଦେଇଛନ୍ତି । ରାଉରକେଲା ହେଉଛି ହକି ତିଆରି କାରଖାନା । ହକି ଖେଳାଳୀ ମାନଙ୍କର ସୃଷ୍ଟି କରିବାରେ ସୁନ୍ଦରଗଡ଼ର ଅବଦାନ ଅତୁଳନୀୟ । ସୁନ୍ଦରଗଡ଼ ମାଟି ଚିରନମସ୍ୟ । ଏହି ମାଟିର ଅନେକ ଜାତୀୟ ଓ ଆନ୍ତର୍ଜାତୀୟ ଖେଳାଳୀ (ହକି) ବାହାରିଛନ୍ତି । ସରକାରଙ୍କ ତରଫରୁ ସେଠାରେ ସ୍ପୋର୍ଟସ୍ ହଷ୍ଟେଲ ମଧ୍ୟ ଆରମ୍ଭ କରାଯାଇଛି ।



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ସେଠାରେ ଅନେକ ହକି ଖେଳାଳୀ (ଛାତ୍ର ଓ ଛାତ୍ରୀ) ରହି ହକି ତାଲିମ ନେଉଛନ୍ତି । ସେଠାରେ ହକି କୋଚ୍ ମଧ୍ୟ ରଖାଯାଇଛି । ମାଗଣାରେ ଖାଇବା, ପିଇବା ସହ ହକି କୋଚିଙ୍ଗ ଦିଆଯାଉଛି । ଦିଲ୍ଲିପ ତିର୍କୀଙ୍କୁ କିଏ ଅବା ନଜାଣେ ? ସେ ଥିଲେ ହକି ଟିମ୍‌ର ଅଧିନାୟକ । ବର୍ତ୍ତମାନ ବି ଇଣ୍ଡିଆ ଟିମ୍‌ରେ ଦୁଇରୁ ତିନିଜଣ ପୁରୁଷ ଟିମରେ ଖେଳୁଥିବା ବେଳେ ମହିଳା ଟିମ୍‌ରେ ମଧ୍ୟ ଓଡ଼ିଶାରୁ ତିନିରୁ ଚାରିଜଣ ମହିଳା ହକି ଟିମ୍‌ରେ ଭାଗ ନେଇ ଜାପାନରେ ଟୋକିଓ ଅଲମ୍ପିକ୍ସରେ ଭାଗ ନେଇ ଖେଳୁଛନ୍ତି । କମ୍ ଗୌରବ ତଥା ଗର୍ବର ବିଷୟ ନୁହେଁ । ଓଡ଼ିଶା ପାଇଁ ଏସବୁ ସମ୍ଭବପର ହୋଇଛି ମାନ୍ୟବର ମୁଖ୍ୟମନ୍ତ୍ରୀ ହକି ଖେଳାଳୀଙ୍କୁ ପ୍ରୋତ୍ସାହନ ଯୋଗାଇ ଦେଇ ଆସିଥିବାରୁ । ସୁନ୍ଦରଗଡ଼ ହକିର ଗନ୍ତାଘର । କେବଳ ସୁନ୍ଦରଗଡ଼ ନୁହେଁ, ମୟୁରଭଞ୍ଜ ମଧ୍ୟ ବର୍ତ୍ତମାନ ଇଣ୍ଡିଆ ଟିମ୍‌ରେ ଖେଳୁଥିବା ପୁରୁଷ ଓ ମହିଳା ଟିମ୍ ଯେଉଁ ଟିମ୍ ଜାନାର ଟୋକିଓ ଅଲମ୍ପିକ୍ସରେ ଭାଗ ନେଇଛନ୍ତି । ପୁରୁଷ ହକି ଟିମ୍‌ରେ ତିନିରୁ ଚାରିଜଣ ଓଡ଼ିଆ ଖେଳୁଥିବା ବେଳେ, ମହିଳା ଟିମ୍‌ରେ ମଧ୍ୟ ତିନିରୁ ଚାରିଜଣ ଖେଳୁଛନ୍ତି । ଆଜି ପୁରୁଷ ହକି ଟିମ୍ ଇଣ୍ଡିଆ ବ୍ରୋଞ୍ଜ ପଦକ ଜିତିଥିବାରୁ ବଧେଇ ବଧେଇ । ଦୀର୍ଘ ୪୧ବର୍ଷ ପରେ ଭାରତ ଅଲମ୍ପିକ ପଦକ (ବ୍ରୋଞ୍ଜ) ପାଇଥିବାରୁ ସମଗ୍ର ଭାରତବାସୀ ବହୁତ ଖୁସି । ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ମଧ୍ୟ ବହୁତ ଖୁସି । ସମସ୍ତ ଖେଳାଳୀଙ୍କ ସହିତ ଫୋନ୍ ମାଧ୍ୟମରେ କଥା ହୋଇଛନ୍ତି । ମାନ୍ୟବର ପ୍ରଧାନମନ୍ତ୍ରୀ ମଧ୍ୟ ଖୋଳାଳୀ ମାନଙ୍କ ସହ କଥା ହୋଇ ଖେଳାଳୀମାନଙ୍କ ମନୋବଳ ବଢାଇଛନ୍ତି । ବିଶେଷକରି ମାନ୍ୟବର ମୁଖ୍ୟମନ୍ତ୍ରୀ ବହୁତ ଖୁସି । ଓଡ଼ିଶାର ମହିଳା ଖେଳାଳୀ ଏବଂ ପୁରୁଷ ଖେଳାଳୀ (ଅଲମ୍ପିକ୍‌ରେ ଭାଗ ନେଇଥିବା) ମାନଙ୍କର ପରିବାର ସହିତ ମଧ୍ୟ ଫୋନ୍‌ରେ କଥା ହୋଇଛନ୍ତି । ରାଉରକେଲାର ପାନିପୋଷ ଷ୍ଟାଡ଼ିୟମ କେବଳ ହକି ଷ୍ଟାଡ଼ିୟମ ସ୍ୱତନ୍ତ୍ର ଏବଂ ଆନ୍ତର୍ଜାତିକସ୍ତରର ହେବା ଲକ୍ଷ୍ୟରେ ତିଆରି କରାଯାଇଛି । ସେହିଭଳି ଭୁବନେଶ୍ୱରରେ ମଧ୍ୟ ଆନ୍ତର୍ଜାତିକସ୍ତରରେ ଷ୍ଟାଡ଼ିୟମ ହକିର ନିର୍ମିତ ହୋଇଛି । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ହକି ପ୍ରତି ବଡ଼ ଦୁର୍ବଳତା ରହିଛି । ହକି ପାଇଁ ଯାହା କିଛି ବି ସେ କରିବାକୁ ପ୍ରସ୍ତୁତ । ଓଡ଼ିଶା ଅଲମ୍ପିକ୍ସ ଆସୋସିଏସନ ତରଫରୁ ପ୍ରତି ଖେଳାଳୀମାନଙ୍କୁ (ପୁରୁଷ ହକି ଟିମ୍‌ର) ଓଡ଼ିଆ ଖେଳାଳୀଙ୍କୁ ଏକଲକ୍ଷ ଲେଖାଏଁ ଟଙ୍କା ପୁରସ୍କାର ରାଶି ଦେବାକୁ ସ୍ଥିର କରିଛି । ଆସନ୍ତା ୧୬.୮.୨୦୨୧ ଦିନ ସମସ୍ତ ହକି ପୁରୁଷ ଖେଳାଳୀ (ଇଣ୍ଡିଆ ଟିମ୍‌ର)ଙ୍କୁ ଓଡ଼ିଶାର ବିମାନବନ୍ଦରେ ସମ୍ବର୍ଦ୍ଧିତ କରାଯିବ । ଖେଳାଳୀ ମାନଙ୍କର ମନୋବଳ ବଢାଇବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀ, କ୍ରୀଡ଼ାମନ୍ତ୍ରୀ ଫୋନ୍ ଯୋଗେ କଥା ହୋଇଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଇଚ୍ଛା ଓଡ଼ିଶାକୁ ହକିର ଏନ୍ତୁଡ଼ିଶାଳ କରି ଗଢି ତୋଳିବା ପାଇଁ ଗାଁ ଗହଳିର ଖେଳାଳୀଙ୍କୁ ପ୍ରୋତ୍ସାହନ ଦେଇ ଆଗକୁ ଆସିବା ପାଇଁ ସୁଯୋଗ ଦେଇଛନ୍ତି ଓଡ଼ିଶା ସରକାର । ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି କହିଛନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ । ଗାଁ ଗହଳିର ଲୁକ୍କାୟିତ ପ୍ରତିଭାଙ୍କୁ ସାମନାକୁ ଆସିବା ପାଇଁ ସୁଯୋଗ ଦିଆଯାଇଛି । ପାନପୋଷ ଷ୍ଟାଡ଼ିୟମରେ ପିଲା ନାଚିଛନ୍ତି, ଭାରତ ପୁରୁଷ ଟିମ୍ ଜିତିବାର ଖୁସି ଦେଖି । ପାନପୋଷ ହଷ୍ଟେଲର ଅନେକ ଛାତ୍ରଛାତ୍ରୀ ତାଲିମ୍ ନେଉଛନ୍ତି ହକି । ସମସ୍ତ ପ୍ରଚେଷ୍ଟା ଜାରି ରହିଛି । ଓଡ଼ିଶା ଏକ ଭଲ ହକି ହବ୍‌ରେ ପରିଣତ କରିବା ପାଇଁ ଏବେଠୁ ଯେପରି ଆଠରୁ ନଅଜଣ ଖେଳାଳୀ ଉଭୟ ପୁରୁଷ ଓ ମହିଳା ଇଣ୍ଡିଆ ଟିମ୍‌ରେ ଖେଳିପାରିବେ । ଉନ୍ନତ ଧରଣର ଭିତ୍ତିଭୂମି ସାଙ୍ଗକୁ ତାଲିମ ପ୍ରଦାନ କରାଯାଉଛି । ଆଗାମୀ ଦିନରେ ବିଶ୍ୱସ୍ତରରେ ଓଡ଼ିଶାର ସୁନାମ ଉଜ୍ଜ୍ୱଳମୟ ହେବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ ।

'ସମ୍ମାନ ଭବନ', ପ୍ଲଟ ନଂ-୫୮/୩୫୮୧
ଗାଙ୍ଗୋତ୍ରୀ ରୋଡ଼-୩, ଶିଶୁପାଳଗଡ଼, ଭୁବନେଶ୍ୱର-୭୫୧୦୦୨
ମୋ : ୯୪୩୭୯୯୪୩୭୯

*ପାଠକୀୟ ମତାମତ ଓ ପରାମର୍ଶ ସ୍ୱପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# କହ କେଉଁ ଜାତି ପାଇଛି ମୁକତି...

ସତେଜ ସକାଳ -୩



ଡି ଶୁଭମ୍

ବିପ୍ଲବୀ କବି ରବି ସିଂ ଙ୍କ ଭାଷାରେ –
ବିପ୍ଲବି କି ମରେ କେବେ ଶାସକର ସୁତୀକ୍ଷ୍ଣ ସଂଗୀନେ
ଫାଶୀ ମଂଚେ କାରାଗାରେ ଅବା କେଉଁ ବନର ଗହନେ ।

ସେତେବେଳର ଅସ୍ତମିତ ସୂର୍ଯ୍ୟ ସମସ୍ତଙ୍କୁ ଏକ ଅନ୍ଧକାରମୟ ଦୁନିଆ ଭିତରେ ଆବଦ୍ଧ କରି ରଖିଥିଲା । ବାରଦୁଆର ଶୁଣ୍ଢିପିଣ୍ଡା ହୋଇ ଜୀବନ ନିଭାଉଥିଲେ ଭାରତ ବାସୀ । ନା ଥିଲା ପାଟି ଖୋଲିବାର ତାକତ ନା ସାମ୍ନା କରିବାର ସେ ଅଦମ୍ୟ ସାହସ । ଏକ ପଙ୍କିଳ ପୁଷ୍କରିଣୀରେ ଉବୁଟୁବୁ ହେବା ଛଡ଼ା ଆଉ କିଛି ଉପାୟ ନଥିଲା । ସେମିତି ଜୀବନ ଜୀଇଁବାରେ କଣ ବା ଲାଭ ? ଆଉ ଠିକ୍ ଏଇ ସବୁ ଭିତରେ ବାଦ ପଡ଼ି ନଥିଲା ଓଡ଼ିଶାର ରକ୍ତତୀର୍ଥ ବୋଲାଉଥିବା ଇରମ । ଦେଶପ୍ରେମର ମନ୍ତ୍ରକୁ ଗୁଂଜରିତ କରି ସାରା ଭାରତର ପରିବେଶକୁ ମନ୍ତ୍ରମୁଗ୍ଧ କରିଥିଲା ଏ ଇରମ ମାଟି । ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ମନେ ପଡ଼େ ଏଇ ମୁକ୍ତି ସଂଗ୍ରାମର ମୁକସାକ୍ଷୀର କଥା । ବର୍ବର ବ୍ରିଟିଶର ଚାତୁର୍ଯ୍ୟ ଆଉ ଶଠତାରେ ବଶୀଭୂତ ହୋଇଥିଲେ ଭାରତବାସୀ । ଶାସନ ନାମରେ ଆରମ୍ଭ ହେଲା ଶୋଷଣର ପର୍ବ । ଅତ୍ୟାଚାରର ପୈଶାଚିକ ନାଟକ । ଶୌର୍ଯ୍ୟଭୂମୀ ଭାରତବର୍ଷର ଐଶ୍ୱର୍ଯ୍ୟରେ ପ୍ରଲୁବ୍ଧ ହୋଇ ଇଂରେଜ ମାନେ କରିଥିଲେ ବିଭୀଷିକାର ରାକ୍ଷସୀ ମାୟା । ପୁଣ୍ୟଭୂମି ଭାରତ ପାଇଁ ଆସିଲା ଚରମ ଦୁର୍ଭାଗ୍ୟ । ଭାରତର ସାଂସ୍କୃତିକ ପରିସ୍ଥିତି ହେଲା ଅବକ୍ଷୟ । ଇଂରେଜଙ୍କର ଏହି କ୍ରମାଗତ ଶୋଷଣ ଶେଷରେ ୧୮୫୭ରେ ସିପାହୀ ବିଦ୍ରୋହର ରୂପ ନେଲା । ଦୁର୍ଦ୍ଧଷ ଭାରତୀୟ ଶକ୍ତିର ଚରମ ସିଂହନାଦରେ ଭୟଭୀତ ହେଲେ ବ୍ରିଟିଶଗଣ । ପରାଧୀନତାର ଗଗନରେ ଆବଦ୍ଧ ବସା ଭିତରେ ବାନ୍ଧି ହୋଇ ରହିଥିଲେ ଭାରତୀୟ । ୧୮୮୫ରେ ଗଠିତ ହେଲା ଭାରତୀୟ ଜାତୀୟ କଂଗ୍ରେସର ମହାସିନ୍ଧୁ । ଏହାର ଗୁରୁଗମ୍ଭୀର ଧ୍ୱନିରେ ସାରା ଦିଗ ବିଦିତ ହେଲା । ଆଉ ସେତେବେଳେ ଭାରତର ସ୍ୱାଧୀନତା ସଂଗ୍ରାମର ମହାନାୟକ ଭାବେ ଉଭା ହେଲେ ଜାତିର ପିତା ଗାନ୍ଧୀଜୀ । ସଂଗ୍ରାମୀ ସେନାପତି ସାଜି ବିପ୍ଳବର ବହ୍ନିକୁ ଚତୁର୍ଦ୍ଦିଗରେ ପ୍ରଜ୍ୱଳିତ କଲେ । ଆନ୍ଦୋଳନ ଓ ସତ୍ୟାଗ୍ରହ କାଳକ୍ରମେ ଭାରତରେ ସୂତ୍ରପାତ ହେଲା । ସ୍ୱଦେଶୀ ଆନ୍ଦୋଳନ , ଅସହଯୋଗ ଆନ୍ଦୋଳନ , ଲବଣ ସତ୍ୟାଗ୍ରହ ପ୍ରମୁଖ ବିପ୍ଲବର ମାଇଲଖୁଣ୍ଟ ସାଜିଲା । ଶେଷରେ ଭାରତୀୟମାନେ ଅନୁଭବ କଲେ ଜୀବନ ଠାରୁ ଶ୍ରେଷ୍ଠ ସମ୍ପଦ ହେଉଛି ସ୍ୱାଧୀନତା । ଜୀବନକୁ ତୁଚ୍ଛ କରି ସଭିଏଁ ଭାରତୀୟତା ଓ ଏକତାର ମନ୍ତ୍ରରେ ଆନ୍ଦୋଳନରେ ଝାସ ଦେଲେ । ଗାଁ ଠୁ ସହର ସବୁଆଡ଼େ ବ୍ୟାପିଗଲା ଅହିଂସାର ବାତାବରଣ । ପ୍ରଜ୍ଞା , ଶ୍ରମ , ସାଧନା ଏବଂ ଉତ୍ସାହର ମିଳିତ ଶକ୍ତିରେ ଭାରତୀୟ ମାନେ ସକ୍ରିୟ ହୋଇଉଠିଲେ । ୧୯୪୨ ଅଗଷ୍ଟ ପ୍ରଥମ ସପ୍ତାହ । ଚାରିଆଡ଼େ ଦେଶପ୍ରେମର ବହ୍ନିରେ ଜୁଡୁବୁଡୁ ଦେଶବାସୀ । ସବୁଆଡ଼େ ଆନ୍ଦୋଳନର ଡ଼ିଣ୍ଡିମ ବାଜୁଥାଏ । ଏତିକି ବେଳେ ସଂଗ୍ରାମର ତୂର୍ଯ୍ୟନାଦ ଶୁଭି ଉଠିଲା ଇରମ ପ୍ରଦେଶରୁ । ୧୯୪୨ରେ ଇଂରେଜଙ୍କ ନେତୃତ୍ୱ ନେଇଥିଲେ ଚର୍ଚ୍ଚିଲ । ଅମାନୁଷିକ ଗୁଳିଚାଳନା କରିବାରେ ବେଶ ପ୍ରସଦ୍ଧି ଲାଭ କରିଥିବା ଚର୍ଚ୍ଚିଲ ୧୯୪୨ ନଭେମ୍ବର ୫ ସୁଦ୍ଧା ସାରା ଭାରତରେ ୧୦୨୩ଜଣ ମୃତ୍ୟବରଣ କରିସାରିଥିଲେ । ଏପରି ସମୟରେ ଓଡ଼ିଶାରେ ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ହଜାରହଜାର ବାନରସେନା ଏହି ଆନ୍ଦୋଳନରେ ଝାସ ଦେଇଥିଲେ । ଇରମର ଜମିଦାର ମାନଙ୍କୁ ଏକପ୍ରକାରରର ନିଜ ଅକ୍ତିଆରକୁ ନେଇ ଆସିଥିଲେ ବ୍ରିଟିଶ । ଏ ପରିପ୍ରେକ୍ଷୀରେ ଇରମର ସେଇ ଜନନାୟକ ବାଂଛାନିଧି ମହାନ୍ତିଙ୍କ କବିତା ବାନରସେନାଙ୍କ ରକ୍ତରେ ବହ୍ନିକୁ ପ୍ରଜ୍ୱଳିତ କଲା । ସେତେବେଳେ ତାଙ୍କ କଲମ ମୁନ ଥିଲା ଦେଶପ୍ରେମୀଙ୍କ ପାଇଁ ଏକ ତୀକ୍ଷଣ୍ ଖଡ଼ଗ୍ । ସେ କହୁଥିଲେ-

କହ କେଉଁ ଜାତି ପାଇଛି ମୁକତି
କରି ହୁରି ହାରି ଗୁହାରି
କହ ପାଇଛି କି ସୁଖ , ନିଭାଇଛି ଦୁଖ
ମାଗି ମାଗି ପଥ ଭିକାରୀ ।

୧୯୩୦ ଲବଣ ସତ୍ୟାଗ୍ରହ ସମୟରେ ଜଣେ ଆଗଧାଡ଼ିର ସେବକ ଥିଲେ ବାଂଛାନିଧି । ଅନେକ ଥର ଜେଲର ଚାରିକାନ୍ଥ ଭିତରେ ଦିନ କାଟିଥିଲେ ହେଁ କେବେ ଦେଶପ୍ରେମ କବିତା ରଚନାରେ ବିଚ୍ୟୁତ ହୋଇନଥିଲେ ।

୧୯୪୨ ସେପ୍ଟେମ୍ବର ୭ ତାରିଖ । ଇରମର ମେଳଣ ପଡ଼ିଆରେ ବସିଲା ବାନର ସେନାର ବୈଠକ । ମରିବୁ ପଛେ , ଡ଼ରିବୁ ନାହିଁ ଏହାକୁ ଶପଥ କଲେ ସମସ୍ତେ । ଏହା ସହ ସେଠାରେ ନିଷ୍ପତ୍ତି ନିଆଗଲା ଯେ ଇଂରେଜ ମାନେ ଆସିଲେ ମହିଳା ମାନେ ଘର ଆଗରେ ଆଲୋକର ସୂଚନା ଦେବେ । କମଳା ପ୍ରସାଦ କର ସେତେବେଳେ ଇରମର ବାନରସେନାର ମୁଖ୍ୟ ଦାୟିତ୍ୱ ନେଉଥିଲେ । ପ୍ରଥମ ଥର ପାଇଁ ୧୯୪୧ ଜାନୁଆରି ୮ରେ ବାସୁଦେବପୁରରେ ସତ୍ୟାଗ୍ରହ କରି ଗିରଫ ହୋଇଥିଲେ । ପରବର୍ତ୍ତୀ ସମୟରେ ୧୦ ଏପ୍ରିଲ ୧୯୪୨ ରେ ଚୂଡ଼ାମଣିରୁ ଗିରଫ ହୋଇଥିଲେ । ଜେଲରୁ ଫେରିବା ପରେ ବାସୁଦେବପୁରରେ କିପରି ଆନ୍ଦୋଳନ କରିବେ ସେଥିପାଇଁ ଯୋଜନା ପ୍ରସ୍ତୁତ କଲେ । କମଳା ପ୍ରସାଦ କର ଓ ତାଙ୍କ ଅନୁଗାମୀ ଗୌରାଂଗ ଚରଣ ମହାନ୍ତି , ଅନିରୁଦ୍ଧ ମହାନ୍ତି , ପ୍ରଭାକର ପାଢ଼ୀ ପ୍ରମୁଖ ଗୁଡ଼ , ସୁଆଁ ,ବାସୁଦେବପୁର ଆଦି ସ୍ଥାନରେ କର୍ମୀ ସମ୍ମିଳନୀ ଡ଼ାକି ଲୋକଙ୍କୁ ପ୍ରବର୍ତ୍ତାଉଥିଲେ । ଏହି ସମୟରେ ସଢ଼େଇପଦାର ଅର୍ଜୁନ ବିଶ୍ୱାଳ ନିଜ ଘରେ କଂଗ୍ରେସ ଅଫିସ୍ କରିବା ପାଇଁ ଆମନ୍ତ୍ରଣ କଲେ । ଯାହା ଫଳରେ ୧୯୪୨ ଅଗଷ୍ଟ ୨୭ରେ ବିପ୍ଳବ ଏକ ନୂଆ ମୋଡ଼ ନେଲା । ଏହୀ ସମୟରେ ଏକ ବଡ଼ ଧରଣର ଆରମ୍ଭ ଥିଲା ସମାନ୍ତରାଳ ସରକାର । ୧୯୪୨ ସେପ୍ଟେମ୍ବର ୧୭ରେ ଗୌରାଂଗ ଚରଣ ମହାନ୍ତିଙ୍କ ଅଧୀନରେ ୨୦୦୦ ଲୋକଙ୍କୁ ନେଇ ଏକ ବୈଠକ ଡ଼କା ଯାଇଥିଲା ଯେଉଁଠାରେ ଏହା କରିବାକୁ ନିଷ୍ପତ୍ତି ନିଆଗଲା । ସେଇ ନଦୀଘେରା ଅଂଚଳକୁ ବାଂଛାନିଧି ଚକଲା ବୋଲି ନାମିତ କରାଗଲା । ଏହା ୨୬ଟି ଗ୍ରାମପଂଚାୟତକୁ ନେଇ ଗଠିତ ହୋଇଥିଲା । ୧୯୪୨ ସେପ୍ଟେମ୍ବର ୨୮ । କମଳା ପ୍ରସାଦ କରଙ୍କ ନେତୃତ୍ୱରେ ୫୦୦୦ରୁ ଅଧିକ ଲୋକ ମେଳଣ ପଡ଼ିଆରେ ରୁଣ୍ଡହେଲେ । ପରନ୍ତୁ ଏହି ଜନ ସମାବେଶକୁ ପଣ୍ଡ କରିବାକୁ ବ୍ରିଟିଶ ସରକାର ଆରମ୍ଭ କଲେ ଆଖିବୁଜା ଗୁଳିଚାଳନା । ଆଖି ପିଛୁଳାକେ ଟଳି ପଡ଼ିଲେ ୨୯ ଜଣ ବୀର ସଂଗ୍ରାମୀ । ଯାହା ମଧ୍ୟରୁ ଜଣେ ଥିଲେ ମହିଳା ପରିବେଷ୍ଠା । ଦେଖୁଦେଖୁ ରକ୍ତ ରଂଜିତ ହୋଇଗଲା ଇରମର ମାଟି । ୩୦୪ ରାଉଣ୍ଡ ଗୁଳିଚାଳନାରେ ନିସ୍ତବ୍ଧ ହୋଇଗଲା ସାରା ଭାରତ । ଯେବେ ସ୍ୱାଧୀନତା ଦିବସର କଥା ଆସେ , ସେବେ ଇରମର କଥା ମାନକୁ ଆସେ । ଏଠାକାର ବୀର ସହିଦ ମାନଙ୍କ କଥା ମନକୁ ଆସେ । ଏ ଦିବସର ମୁକସାକ୍ଷୀ ଭାବେ ଇରମ ନିଜର ଗାଥା ଗହନ କରିଚାଲୁଛି । ରକ୍ତତୀର୍ଥର ସ୍ମାରକୀରେ ଏହା ଚାରିଆଡ଼େ ବିଦିତ ହୋଇଛି । ଏ ମାଟି ସଂଗ୍ରାମର ମାଟି , ଏ ମାଟି ବୀର ଶହୀଦର ମାଟି । ଏହାର ମାଟି ମୁଠେ ଧରିଦେଲେ ସେ ସଂଗ୍ରାମୀମାନଙ୍କର ବଳିଦାନର କଥା ମନେ ପଡ଼ିଯାଏ । ଆଜି ବି କ୍ରାନ୍ତି ଦିବସର ମହାନତାକୁ ଗୁମୁରି ଗୁମୁରି ଗାନ କରୁଛି ଏ ମାଟି । ସେ ସଂଗ୍ରାମୀମାନଙ୍କୁ କୋଟି କୋଟି ନମନ ।

# ଓଡିଶାର ପ୍ରଥମ ବାଚସ୍ପତି



ଅକ୍ଷୟ କୁମାର ରାଉତ

ଭାରତ ବର୍ଷର ସ୍ୱାଧିନତା ଆନ୍ଦୋଳନରେ ଅନେକ ସଂଗ୍ରାମୀ ବଳିପଡିଗଲେ । ସେମାନଙ୍କ ଭିତରୁ ଅନେକ ବିଦେଶୀ ସରକାରଙ୍କ ବିରୁଦ୍ଧରେ ଆପୋଷହୀନ ଭାବରେ ଲଢେଇ କରୁଥିଲେ । ଦେଶସେବା ଥିଲା ସେମାନଙ୍କର ଜୀବନର ବ୍ରତ । ଏହିଭଳି ଯେଉଁ କେତେଜଣ ଶେଷ ନିଃଶ୍ୱାସ ତ୍ୟାଗ ପୂର୍ବରୁ ନିଜ ନୀତିରୁ ବିଚ୍ୟୁତ ହୋଇ ନଥିଲେ । ମୁକୁନ୍ଦ ପ୍ରସାଦ ଦାସ ସେମାନଙ୍କ ଭିତରୁ ଥିଲେ ଅନ୍ୟତମ ।

ବାଲେଶ୍ୱର ଜିଲ୍ଲାର ଗଣ୍ଡିବେଡ ନିକଟରେ ଏକ ଛୋଟ ଗାଁ ପାବର୍ତୀପୁର । ଏହି ଗାଁରେ ଏକ ସଂଭ୍ରାନ୍ତ କରଣ ବଂଶରେ ୧୮୮୭ ମସିହା ଅଗଷ୍ଟ ମାସ ୧୨ ତାରିଖରେ ହର ପ୍ରସାଦ ଦାସଙ୍କ ବଡ ପୁତ୍ରରୂପେ ଜନ୍ମ ଗ୍ରହଣ କଲେ ମୁକୁନ୍ଦ ପ୍ରସାଦ । ତାଙ୍କର ଦୁଇଭାଇ ଓ ଗୋଟିଏ ଭଉଣୀ ମଧ୍ୟ ଥିଲେ । ମୁକୁନ୍ଦ ପ୍ରାସଦ ଗାଁରୁ ପାଠପଢା ଆରମ୍ଭ କରି ସୋର ମାଇନର ସ୍କୁଲରେ ପାଠପଢିଲେ । ମାଲବାହୀ ରେଳଗାଡିରେ ବସି ମାଇନର ପରୀକ୍ଷା ଦେବା ପାଇଁ ଭଦ୍ରକ ଯାଇଥିଲେ । ମୁକୁନ୍ଦ ପ୍ରସାଦ ଜଣେ କୃତି ଛାତ୍ର ଥିଲେ ।ସେ ତାଙ୍କର ପିଉସାଙ୍କ ନିକଟରେ ରହି ବାଲେଶ୍ୱର ମିଶନ ସ୍କୁଲରେ ମେଟ୍ରିକ ପାଠ ପଢୁଥିଲେ । ତାଙ୍କ ପିତା ଜଣେ ପ୍ରଥମିକ ଶିକ୍ଷକ ଥିବାରୁ ମୁକୁନ୍ଦ ପ୍ରସାଦ ପିଉସାଙ୍କ ଉପରେ ନିର୍ଭର କରୁଥିଲେ । ପିଉସା ମେସ୍ ଖର୍ଚ୍ଚ ବାବଦକୁ ଦିନକୁ ୬ ପଇସା ଦେଉଥିଲେ । ମୁକୁନ୍ଦ ପ୍ରସାଦ ଭଦ୍ରକରୁ ନୌକାରେ ଆସି କଟକରେ ମେଟ୍ରିକ ପରୀକ୍ଷା ଦେଇ ମେଟ୍ରିକ ପାସ୍ କରିଥିଲେ । ମୁକୁନ୍ଦ ପ୍ରସାଦ ଆର୍ଥିକ ଅଭାବ ଯୋଗୁ କଲେଜରେ ପଢିପାରି ନଥିଲେ । ସେ ଘରୋଇ ଭାବେ ପାଢପଢି କଲିକତାରେ ମୁକ୍ତ୍ୟାର ପରୀକ୍ଷା ଦେଇ ସଫଳାତାର ସହ କୃତ କାର୍ଯ୍ୟ ହେଲେ । ବାଲେଶ୍ୱରସ୍ଥ ଝାଡେଶ୍ୱର ମନ୍ଦିର ନିକଟରେ ଗୋଟିଏ ଭଡା ଘର ନେଇ ମୁକ୍ତ୍ୟାର କାର୍ଯ୍ୟ ଆରମ୍ଭ କରିଥିଲେ । ସେ ଥିଲେ ଜଣେ ସ୍ୱାଧୀନଚେତା ନିର୍ଭୀକ ସତ୍ୟର ପୂଜାରୀ ମଣିଷ, ଅତି କମ୍ ଦିନ ମଧ୍ୟରେ ସେ ଜଣେ ନାମଜାଦା ମୁକ୍ତ୍ୟାର ଓ ଆଇନଜୀବୀ ଭାବେ ବାଲେଶ୍ୱର ଜିଲ୍ଲାରେ ପ୍ରସିଦ୍ଧ ଲାଭ କଲେ । ଥରେ କୌଣସି ଏକ କେସ୍ ସମ୍ବନ୍ଧରେ କଲିକତା ଯାଇଥିଲେ, ଯିବା ପୂର୍ବରୁ ସମସ୍ତଙ୍କୁ କହିଥିଲେ ଯଦି ଏହି କେସ୍‌ରେ ସେ ହାରି ଯାଆନ୍ତି, ତେବେ ସେ ପବିତ୍ର ଗଙ୍ଗା ନଦୀରେ ଆତ୍ମ ବିସର୍ଜନ କରିବେ, କିନ୍ତୁ ସେ କେସ୍‌ରେ ବିଜୟୀ ହୋଇ ଖୁସିରେ ଘରକୁ ଫେରିଲେ ।ଦିନେ ବାଲେଶ୍ୱରର କଲେକ୍ଟର ଦେବ ସାହେବଙ୍କୁ ଏସ୍.ଡି.ଓ.ଙ୍କ କୋର୍ଟରେ ସାକ୍ଷୀ ଦେବାକୁ ପଡିଲା । ମୁକ୍ତ୍ୟାର ଭାବେ ମୁକୁନ୍ଦ ପ୍ରସାଦ ଦେଖିଲେ ଯେ କଲେକ୍ଟର ଏସ୍.ଡି.ଓ.ଙ୍କ ନିକଟରେ ଏକ ଚଉକି ଉପରେ ବସିଛନ୍ତି । ତେଣୁ ମୁକୁନ୍ଦ ପ୍ରସାଦ କିଛି ପଚାରି ପାରିଲେନାହିଁ । ବିଳମ୍ବ ହେତୁ ଏସ୍.ଡି.ଓ. ମୁକ୍ତ୍ୟାର ମୁକୁନ୍ଦ ପ୍ରସାଦଙ୍କୁ ପଚାରିଲେ ସାହେବ ତ ଅନେକ ବେଳୁ ଆସିଲେଣି । ଆପଣ ତାଙ୍କୁ ପଚାରିବାର ଯାହା ଅଛି ଡେରି ନ କରି ପଚାରନ୍ତୁ । ମାତ୍ର ମୁକ୍ତ୍ୟାର ଜଣକ ସ୍ପଷ୍ଟ ଭାବେ କହିଲେ- କଲେକ୍ଟର ସାକ୍ଷୀଦେବା ସ୍ଥାନରେ ଛିଡା ହେଲା ପରେ ସେ ତାଙ୍କୁ କିଛି ପଚାରିବେ । ଏହି କଥାରେ କଲେକ୍ଟର ସାହେବ ରାଗି, ସାକ୍ଷୀ ଗଡାକୁ ଯାଇ ଛିଡା ହେଲେ । ଏହାପରେ ମୁକ୍ତ୍ୟାର ତାଙ୍କୁ ଜେରା କରିଥିଲେ ।ଏହି ନିର୍ଭୀକ ଓ ସ୍ପଷ୍ଟବାଦୀ ମୁକ୍ତ୍ୟାର ଜଣକ ହେଉଛନ୍ତି ଆମ ଓଡିଶା ବିଧାନସଭାର ପ୍ରଥମ ବାଚସ୍ପତି ଶ୍ରୀଯୁକ୍ତ ମୁକୁନ୍ଦ ପ୍ରସାଦ ଦାସ । ମୁକୁନ୍ଦ ପ୍ରସାଦ କଠୋର ପରିଶ୍ରମ କରି ଜଣେ ସଫଳ ସଚ୍ଚୋଟ ଓ ନିଷ୍ଠାପର ଆଇନଜୀବୀ ଭାବେ ଦକ୍ଷତା ପ୍ରତିପାଦନ କରି ସାରିବା ପରେ, ବିଶିଷ୍ଟ ଆଇନଜୀବୀ ଶ୍ରୀଯୁକ୍ତ ଭାଗବତ ପ୍ରସାଦ ମହାପାତ୍ରଙ୍କ କନ୍ୟା ଜାହ୍ନବୀ ଦେବୀଙ୍କୁ ବିବାହ କରିଥିଲେ । ଜାହ୍ନବୀ ଦେବୀ ଥିଲେ ଜଣେ ନାରୀ ନେତ୍ରୀ । ପରବର୍ତୀ ସମୟରେ ସେ ମୁକୁନ୍ଦ ପ୍ରସାଦଙ୍କ ସହିତ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ । ପରାଧିନ ଭରତ ବର୍ଷରେ ସାଧାରଣ ଲୋକେ ଇଂରେଜ ସରକାରଙ୍କ କଠୋର କୁଶାସନ ଓ ଅନ୍ୟାୟ ଅତ୍ୟାଚାରର ସମ୍ମୁଖୀନ ହେଉଥିଲେ । ମୁକୁନ୍ଦ ପ୍ରସାଦ ଆଇନ ମାଧ୍ୟମରେ ନିର୍ଭୀକ ସ୍ୱର ଉତୋଳନ କରି ଲୋକମାନଙ୍କୁ ନ୍ୟାୟ ପ୍ରଦାନ କରୁଥିଲେ । ବିନା ଅପରାଧରେ ସରଳ ସୁନ୍ଦର ଲୋକମାନେ ନାନା କଷ୍ଟ ଭୋଗ କରୁଥିଲେ । ମୁକୁନ୍ଦ ପ୍ରସାଦ ବିନା ପଇସାରେ ଅନେକ ମକଦ୍ଦମା ଲଢି ପ୍ରକୃତ ନ୍ୟାୟ ଲୋକମାନଙ୍କୁ ଦେଇ ପାରୁଥିଲେ । ଏଥିରେ ବାଲେଶ୍ୱର କଲେକ୍ଟର, ମୁକୁନ୍ଦ ପ୍ରସାଦଙ୍କ ଉପରେ ଅସନ୍ତୁଷ୍ଟ ହୋଇ ମିଥ୍ୟା ମକଦ୍ଦମା ଦାଏର କଲେ । ଏହି ମିଥ୍ୟା ମକଦ୍ଦମାରୁ ଉଦ୍ଧାର ପାଇବା ପାଇଁ ମୁକୁନ୍ଦ ପ୍ରସାଦ ମଧୁ ବାବୁଙ୍କର ସହାୟତା ଲୋଡିଲେ । ମୁକୁନ୍ଦ ପ୍ରସାଦଙ୍କ ବିଚାର ଦିନ ବାଲେଶ୍ୱର ଅଦାଲତରେ ମଧୁବାବୁ ପଂହଚି ଦେଖିଲେ ମିଶଲରେ ଜଜ୍‌ଙ୍କ ନିକଟରେ କଲେକ୍ଟର ବସିଛନ୍ତି । ତେଣୁ କାହାକୁ କିଛି ନକହି ଡାକ ବଙ୍ଗଳକୁ ଚାଲିଗଲେ । ଏହାପରେ ଜଜ୍ ବିବ୍ରତ ହୋଇ ପେସ୍କାରଙ୍କୁ ପ୍ରକୃତ କାରଣ କଣ ବୁଝିବା ପାଇଁ ମଧୁବାବୁଙ୍କ ନିକଟକୁ ପଠାଇଲେ । ମଧୁବାବୁ ପେସ୍କାରଙ୍କୁ ଦେଖି ଚଢା ଗଳାରେ କହିଲେ -ନ୍ତୁମ ଜଜଙ୍କୁ କହିଦେବ, ସେ ବ୍ରିଶିସ୍ କ୍ରାଉନ୍‌ଙ୍କୁ ଅପମାନିତ କରିଛନ୍ତି ଯେଉଁ ସରକାରୀ କର୍ମଚାରୀ କ୍ରାଉନଙ୍କୁ ଅପଦସ୍ତ କରେ, ସେ ସରକାରୀ କାର୍ଯ୍ୟ କରିବା ପାଇଁ ଯୋଗ୍ୟ ନୁହେଁ । ତେଣୁ ତୁମ ଜଜ୍ ତାଙ୍କ ପଦବୀରେ ରହିବା ଅନୁଚିତନ୍ତ ।ନ୍ତ ଜଜ୍ ମୁଦାଲାକୁ ନିଜ ପାଖରେ ମିଶଲରେ ବସାଇ ଅନ୍ୟାୟ କରିଛନ୍ତି, ତେଣୁ ମୁଁ ଚାଲି ଅସିଲି ନ୍ତ ପେସ୍କାର ମଧୁବାବୁଙ୍କ କଥା ଜଜ୍‌ଙ୍କୁ ଜଣାଇବାରୁ ଜଜ୍ ନିଜର ଭୁଲ ବୁଝିପାରିଲେ ଓ ମଧୁବାବୁଙ୍କୁ ବଙ୍ଗଳାରେ ଦେଖାକରି ଭୁଲ ସ୍ୱୀକାର କଲେ । ଯଥା ସମୟରେ ଜଜ୍ ନିଜର ରାୟ ଘୋଷଣା କରି ମୁକୁନ୍ଦ ପ୍ରସାଦଙ୍କୁ ନିର୍ଦ୍ଦୋଷରେ ଖଲାସ କଲେ । ମୁକୁନ୍ଦ ପ୍ରସାଦ ଛାତ୍ର ଥିବା ବେଳେ ୧୯୦୭ ମସିହାରେ ଉତ୍କଳ ୟୁନିୟନ କଂଗ୍ରେସ ଦ୍ୱାରା ପରିଚାଳିତ ଦେଶ ମିଶ୍ରଣ ଆନ୍ଦୋଳନରେ ଯୋଗ ଦେଇଥିଲେ । ବ୍ରିଟିଶ ଶାସକଙ୍କ ଅନ୍ୟାୟ,ଅତ୍ୟାଚାର ଓ ଶୋଷଣ ବିରୁଦ୍ଧରେ ସଂଗ୍ରାମ ଚଳାଇଥିଲେ । ଜଣେ ବିଶିଷ୍ଟ ସମାଜ ସେବୀ ଓ ସ୍ୱାଧୀନତା ସଂଗ୍ରାମୀ ଭାବରେ ତାଙ୍କର ପତ୍ନୀ, ପୁତ୍ର ଓ କନ୍ୟା ସମସ୍ତଙ୍କୁ ସ୍ୱାଧୀନତା ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରାଇଥିଲ । ସେ ହରେକୃଷ୍ଣ ମହତାବଙ୍କର ଜଣେ ଘନିଷ୍ଠ ସହେଯାଗୀ ହୋଇଯାଇଥିଲେ । ମୁକୁନ୍ଦ ପ୍ରସାଦଙ୍କ ବାସଭବନ ପାଲଟି ଯାଇଥିଲା, କଂଗ୍ରେସର ବହୁନେତା ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କର ଘରୋଇ ଅଫିସ୍ । ତାଙ୍କ ଘରେ ମହାତ୍ମା ଗାନ୍ଧୀ, ଜୟପ୍ରକାଶ ନାରାୟଣ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ପ୍ରମୁଖ ଅନେକ ବଡ ବଡ ଜାତୀୟବାଦୀ ନେତା ଅତିଥି ହୋଇଥିଲେ । ଉତ୍କଳ ସମ୍ମିଳନୀରେ ମୁକୁନ୍ଦ ପ୍ରସାଦ ଓଡିଶାର ଗମନାଗମନ, ବାଣିଜ୍ୟ ଓ ଶିକ୍ଷାର ଉପରେ ଗୁରୁତ୍ୱ ଦେଉଥିଲେ ।ଥରେ ମୁକୁନ୍ଦ ପ୍ରସାଦଙ୍କୁ ଇଂରଜ ସରକାର ରାଜଦ୍ରୋହ ଅପରାଧରେ ଅଭିଯୁକ୍ତ କଲେ । ଏହି କେସ୍‌ରେ ଲଢିବା ପାଇଁ ବିଶିଷ୍ଟ ଆଇନଜ୍ଞ ଓ ସ୍ୱାଧୀନତା ସଂଗ୍ରାମୀ ଚିତରଂଜନ ଦାସ ଦାୟିତ୍ୱ ନେଲେ, ବହୁଦିନ ପର୍ଯ୍ୟନ୍ତ ବିଚାର ଚାଲିଲା । ଶେଷରେ ମୁକୁନ୍ଦ ପ୍ରସାଦ ନିର୍ଦ୍ଦୋଷରେ ଖଲାସ ହେଲେ । ୧୯୨୭ ମସିହାରେ ମହାତ୍ମା ଗାନ୍ଧୀ ଓଡିଶା ଗସ୍ତରେ ଆସି ଡିସେମ୍ବର ୧୪ ତାରିଖ ଦିନ ମୁକୁନ୍ଦ ପ୍ରସାଦଙ୍କ ଘରେ ଅତିଥି ହୋଇ, ବାଲେଶ୍ୱରର ବିଭିନ୍ନ ସଭାସମିତିମାନଙ୍କରେ ଭାଷଣ ଦେଇଥିଲେ । ମୁକୁନ୍ଦ ପ୍ରସାଦ ବାଲେଶ୍ୱର ଷ୍ଟେସନ ପଡିଆଠାରେ ଏକ ବିରାଟ ସଭାର ଆୟୋଜନ କରିଥିଲେ । ମହାତ୍ମା ଗାନ୍ଧୀ ଏହି ସଭାରେ ଭାଷଣ ଦେଇଥିଲେ । ଏହି ସଭାରେ ମୁକୁନ୍ଦ ପ୍ରସାଦଙ୍କ ପତ୍ନୀ ଜାହ୍ନବୀ ଦେବୀ, ସୁଭଦ୍ରା ମହତାବ, ନନ୍ଦକିଶୋର ଦାସଓ ନୀଳାମ୍ବର ଦାସ ସମେତ ବହୁ ବିଶିଷ୍ଟ ନେତା ଓ କଂଗ୍ରେସର କର୍ମୀ ଯୋଗ ଦେଇ ଥିଲେ । ଏହାପରେ ମୁକୁନ୍ଦ ପ୍ରସାଦ ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଇନ ବ୍ୟବସାୟଙ୍କୁ ପରିତ୍ୟାଗ କରି ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ । ୧୯୨୮ ମସିହାରେ କଲିକତା ଠାରେ ଅନୁଷ୍ଠିତ ଜାତୀୟ କଂଗ୍ରେସର ଅଧିବେଶନରେ ମୁକୁନ୍ଦ ପ୍ରସାଦଙ୍କ ପତ୍ନୀ ଜାହ୍ନବୀ ଦେବୀ, କୋକିଳ ଦେବୀ,ସରଳା ଦେବୀ, ରମାଦେବୀ ଓ ସରୋଜିନୀ ଚୌଧୁରୀ ଆଦି ନାରୀ ନେତ୍ରୀମାନେ ଓଡିଶାରୁ ପ୍ରତିନିଧିତ୍ୱ କରିଥିଲେ । ୧୯୩୦ ମସିହାରେ ଇଂଚୁଡିଠାରେ ଲବଣ ସତ୍ୟାଗ୍ରହରେ ମୁକୁନ୍ଦ ପ୍ରସାଦ, ଗୋପବନ୍ଧୁ ଚୌଧୁରୀ, ମାଳତୀ ଚୌଧୁରୀ, ରମାଦେବୀ,ଜାହ୍ନବୀ ଦେବୀ ଓ କୋକିଳ ଦେବୀ ଯୋଗଦେଇଥିଲେ । ମୁକୁନ୍ଦ ପ୍ରସାଦଙ୍କ ପତ୍ନୀ ଜାହ୍ନବୀ ଦେବୀ ଗିରଫ ହୋଇ କାରାବରଣ କରିଥିଲେ । କିନ୍ତୁ ମୁକୁନ୍ଦ ପ୍ରସାଦମାଜିଷ୍ଟ୍ରେଟଙ୍କାନ ବାବୁଙ୍କ ସହାୟତାରେ ଖଲାସ ହୋଇଯାଇଥିଲେ । ମୁକୁନ୍ଦ ପ୍ରସାଦଙ୍କ ସହଯୋଗରେ ୧୯୩୧ ମସିହାରେ ବାଲେଶ୍ୱଠାରେ ଓଡିଶାର ପ୍ରଥମ ଉତ୍କଳ ମହିଳା ସମ୍ମିଳନୀ ଅନଷ୍ଠିତ ହୋଇଥିଲା ଏଥିରେ ଅଭ୍ୟର୍ଥନା ସମିତିର ଅଧକ୍ଷ ଥିଲେ ଶ୍ରୀମତୀ ଜାହ୍ନବୀ ଦେବୀ । ୧୯୪୨ ମସିହାରେ ନ୍ତଭାରତଛାଡନ୍ତ ଆନ୍ଦୋଳନରେ ବହୁ ନେତା ଗିରଫ ହୋଇଥିଲେ, ଏଥିରେ ମୁକୁନ୍ଦ ପ୍ରସାଦଙ୍କ ପତ୍ନୀ ଶ୍ରୀମତୀ ଜାହ୍ନବୀ ଦେବୀ କାରାବରଣ କରିଥିଲେ । ସ୍ୱାମୀ ମୁକୁନ୍ଦ ପ୍ରସାଦଙ୍କ ପ୍ରେରଣା ଯୋଗୁ ଜାହ୍ନବୀ ଦେବୀ ସ୍ୱାଧିନତା ଆନ୍ଦୋଳନରେ ବହୁବାର ଗିରଫ ହୋଇଥିଲେ । ହଜାରୀବାଗ୍ ଜେଲରୁ ଖଲାସ ହୋଇ ଓଡିଶା କଂଗ୍ରେସର ନେତାମାନେ ପ୍ରଥମେ ମୁକୁନ୍ଦ ପ୍ରସାଦଙ୍କୁ ସାକ୍ଷାତ କରୁଥିଲେ । ମୁକୁନ୍ଦ ପ୍ରସାଦ ସେମାନଙ୍କର ରହିବା,ଖାଇବ ଓ ସୁବିଧା ଅସୁବିଧାର ସମସ୍ତ ଖର୍ଚ୍ଚ ବହନ କରୁଥିଲେ । ବ୍ରିଟିଶ ସରକାରଙ୍କ ୧୯୩୫ ମସିହା ଭାରତ ଆଇନ୍ ଅନୁଯାୟୀ ଓଡିଶା ବିହାରରୁ ଅଲଗା ହୋଇ, ୧୯୩୬ ମସିହା ଏପ୍ରିଲ ପହିଲା ଦିନ ବିଧିବଦ୍ଧ ଭାବେ ଓଡିଶା ସ୍ୱତନ୍ତ୍ର ରାଜ୍ୟ ରୂପେ ଘୋଷିତ ହେଲା । ତେଣୁ ରାଜ୍ୟ ବିଧାନସଭାର ୬୦ଟି ଆସନ ନିମନ୍ତେ ନିର୍ବାଚନ କରାଗଲା । ଏହି ନିର୍ବାଚନରେ କଂଗ୍ରେସ ସଂଖ୍ୟା ଗରିଷ୍ଠତା ଲାଭ କରିଥିଲେ ମଧ ସଂଖ୍ୟାଲଘୁ ବିରୋଧି ଦଳର ନେତା ପାରଳାଖେମୁଣ୍ଡିର ମହାରାଜ କୃଷ୍ଣଚନ୍ଦ୍ର ଗଜପତି ଓଡିଶାର ପ୍ରଧାନମନ୍ତ୍ରୀ ଓ ମୁକୁନ୍ଦ ପ୍ରସାଦ ଦାସ ପ୍ରଥମ ବାଚସ୍ପତି ଭାବରେ ନିର୍ଦ୍ଵନ୍ଦ୍ୱରେ ନିର୍ବାଚିତ ହୋଇଥିଲେ । ରେଭେନସା କଲେଜରେ ବିଧାନସଭାର ପ୍ରଥମ ଅଧିବେଶନ ୧୯୩୭ ମସିହା ଜୁଲାଇ ୨୮ ତାରିଖ ଦିନ ବସିଥିଲା । ପ୍ରଥମ ବାଚସ୍ପତି ମୁକୁନ୍ଦ ପ୍ରସାଦ ବିଧାନସଭାର ସମସ୍ତ ସଭ୍ୟଙ୍କୁ ଠିଆହୋଇ 'ବନ୍ଦେ ମାତରମ୍' ଗାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ବାଚସ୍ପତି ଭାବରେ ଓଡିଶାର ସମସ୍ତ ବିଚ୍ଛିନ୍ନାଂଚଳକୁ ଓଡିଶାରେ ମିଶେଇବା ପାଇଁ ଅବିରତ ଚେଷ୍ଟା ଚଳାଇଥିଲେ ।ବାଚସ୍ପତି ଭାବରେ ବିଧାନସଭାରେ ବ୍ୟବହୃତ ଭାଷା ପ୍ରଶ୍ନୋତର, ତର୍କ-ବିତର୍କ ଆଦି ନିୟମ, ଆଦର୍ଶ ଓ ପରମ୍ପରା ଉପରେ ତାଙ୍କର ଗଭୀର ଦକ୍ଷତା ଥିଲା । ତାଙ୍କରଅନେକ ଉପାଦେୟ ନିଷ୍ପତି ବିଧାନସଭାର ଗୌରବ ବୃଦ୍ଧି କରିଥିଲା । ପରବର୍ତିକାଳରେ ମୁକୁନ୍ଦ ପ୍ରସାଦ ବାଚସ୍ପତି ମାନଙ୍କ ନିମନ୍ତେ ଆଦର୍ଶ ହୋଇଯାଇଥିଲେ । ୧୯୬୦ ମସିହାରେ ବିଶ୍ୱକୃଷି ପ୍ରଦର୍ଶନୀ ଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଓଡିଶାରୁ ମୁକୁନ୍ଦ ପ୍ରସାଦ ପ୍ରତିନିଧି ରୂପେ ଯୋଗଦେଇ କୃଷିର ବିକାଶ ପାଇଁ କେତେକ ସଂସ୍କାରମୂଳକ କାର୍ଯ୍ୟ କରିଥିଲେ । ତାଙ୍କ ଗ୍ରାମରେ ପ୍ରଥମେ ଜାପାନୀ କଳ ଲଙ୍ଗଳ ସାହାର୍ଯ୍ୟରେ ଚାଷ କରିଥିଲେ । କୃଷି ବ୍ୟତୀତ ଓଡିଆ ଭାଷା, ସାହିତ୍ୟ,ସଂସ୍କୃତି,ପରମ୍ପରା ଓ ସଙ୍ଗୀତର ବହୁ ଉନ୍ନତି ସାଧିତ କରିଥିଲେ । ସେ ଏକ ରାଧାଗୋବିନ୍ଦ ମନ୍ଦିର ପ୍ରତିଷ୍ଠା କରିଥିଲେ । ତାଙ୍କର ୨ ପୁତ୍ର ଗୌର ଗୋପାଳ ଓ ନଟ ଗୋପାଳ । ନଟ ଗୋପାଳଙ୍କ ଅକାଳ ମୃତ୍ୟୁରେ, ସେ 'ନଟଗୋପାଳ' ନାମରେ ଗୋଟିଏ ନୃତ୍ୟ ସଙ୍ଗୀତ ଅନୁଷ୍ଠାନ ଗଢିଥିଲେ । ମୁକୁନ୍ଦ ପ୍ରସାଦ ଜଣେ ସଂଗ୍ରାମୀ, ନିର୍ଭୀକ,ସ୍ପଷ୍ଟବାଦୀ, ଆଦର୍ଶ ଓ ସରଳ ମଣିଷ ଥିଲେ । ଏହି ନିଷ୍କପଟ ସରଳ ଉତ୍କଳ ମାତାର ବରପୁତ୍ର ୧୯୬୯ ମସିହା ନଭେମ୍ବର ମାସ ୭ ତାରିଖ ରେ ଆମଠାରୁ ଚିରଦିନ ପାଇଁ ବିଦାୟ ନେଇଥିଲେ ।

ପାରାଦ୍ୱୀପଗଡ,କୁଜଙ୍ଗ,ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫




# ଶ୍ରମିକଙ୍କ ପାଇଁ ଆଦାୟ ହୋଇଥିବା ସେସ୍ ଟଙ୍କାର ହିସାବ ଦିଅନ୍ତୁ ସରକାର : କଂଗ୍ରେସ

ଭୁବନେଶ୍ୱର: ଭାରତ ବର୍ଷରେ ଅଣସଂଗଠିତ ଶ୍ରମିକମାନଙ୍କର ଶ୍ରମ ଶକ୍ତିର ଯଦି ହିସାବ କରାଯାଏ ତାହା ୯୩ ପ୍ରତିଶତ ହେବ। ଦେଶର ଅଭିବୃଦ୍ଧି କ୍ଷେତ୍ରରେ (ଜି.ଡି.ପି) କୁ ଏହି ଅଣସଂଗଠିତ କ୍ଷେତ୍ରର ଅବଦାନ ଶତକଡ଼ା ୫୦ ଭାଗ। କିନ୍ତୁ ଏହି ବର୍ଗର ଶ୍ରମିକମାନଙ୍କୁ ସର୍ବନିମ୍ନ ମଜୁରି ମିଳେନାହିଁ। ଶ୍ରମ ସ୍ଥଳରେ ଶ୍ରମଦାନ ପାଇଁ ଅନୁକୂଳ ପରିବେଶ ନଥାଏ, ଦୁର୍ଘଟଣାଗ୍ରସ୍ତ ହେଲେ ଏମାନେ ଘରେ ବସି ରହନ୍ତି – ଏମାନଙ୍କୁ ମଜୁରୀ ମିଳେ ନାହିଁ, ଶ୍ରମିକ ସଂଘ ବିଷୟରେ ଏମାନଙ୍କର ଧାରଣା ନଥାଏ। ସରକାରୀ ନିର୍ଦ୍ଧାରିତ ୮ ଘଂଟାରୁ ଏମାନେ ଅଧିକ ସମୟ କାର୍ଯ୍ୟ କରିଥାନ୍ତି। କୌଣସି ରୋଗରେ ପୀଡ଼ିତ ହେଲେ ଏମାନଙ୍କ ପ୍ରତି କାହାରି ଦରଦ ନଥାଏ। ଏହା ସହିତ ଶ୍ରମ ପାଇଁ ଏମାନେ ମୁଲଚାଲ କରିପାରନ୍ତି ନାହିଁ ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି ମୁଖପାତ୍ର ତଥା ରାଜ୍ୟ ସେବାଦଳ ଅଧ୍ୟକ୍ଷ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର କହିଛନ୍ତି ଉପାସରକାର ୨୦୦୮ ମସିହାରେ ଅନଅର୍ଗାନାଇଜଡ୍ ୱାର୍କରସ୍ ସୋସିଆଲ ସିକ୍ୟୁରିଟି ଆକ୍ଟ ନାମରେ ଏକ ଆଇନ ପ୍ରଣୟନ କରିଥିଲେ। ଏହି ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ଓଡ଼ିଶା ସରକାରଙ୍କୁ ତିନିବର୍ଷ ଲାଗିଗଲା। ଫଳତଃ ରାଜ୍ୟ ସରକାର ଏହି ବର୍ଗର ଶ୍ରମିକମାନଙ୍କୁ ଜୋତା, ଛତା ଓ ସାଇକେଲ ଦେଇ ଭୋଟ ବ୍ୟାଙ୍କ କରିବାରେ ଲାଗିପଡ଼ିଛନ୍ତି। ଗତ କରୋନା ସମୟରେ ଭାରତବର୍ଷରେ ଏହି ବର୍ଗର ଶ୍ରମିକମାନେ ବିଶେଷ ଭାବେର ଦରିଦ୍ରତା ଭିତରକୁ ଠେଲି ହୋଇଯାଇଛନ୍ତି। ସେଥିପାଇଁ କଂଗ୍ରେସ ଦଳ ପ୍ରତ୍ୟେକ ଶ୍ରମିକ ପରିବାରକୁ ୬୫୦୦ଟଙ୍କା ଦେବାପାଇଁ ଦାବି କରିଥିଲା। କିନ୍ତୁ ରାଜ୍ୟ ସରକାର ୧୫୦୦ ଟଙ୍କା ଦେଇ ବାହାବା ନେବାପାଇଁ ଚେଷ୍ଟା କରିଛନ୍ତି।କିନ୍ତୁ ରାଜ୍ୟ ସରକାର ଯେଉଁ ୧୫୦୦ ଟଙ୍କା ଦେଉଛନ୍ତି ତାହା ତାଙ୍କ ନିଜସ୍ୱ ପାଣ୍ଠିରୁ ନୁହେଁ। ଏହି ଟଙ୍କା ସେସ୍‌ରେ ସଂଗୃହୀତ ଅର୍ଥ। ଗତ ୧୦ ବର୍ଷରେ ରାଜ୍ୟ ସରକାର ଏହି ସେସ ଟଙ୍କାକୁ ସାଇକେଲ କିଣା ଓ ଅନ୍ୟାନ୍ୟ ସାମଗ୍ରୀ କିଣାରେ ବ୍ୟୟ କରିଛନ୍ତି। ଯାହାର ହିସାବ ରାଜ୍ୟ ସରକାର ଶ୍ୱେତପତ୍ର ଆକାରରେ ରାଜ୍ୟବାସୀଙ୍କୁ ଜଣାଇବାକୁ କଂଗ୍ରେସ ଦଳ ଦାବି କରିଛି। ଡ. ଜ୍ଞାନେନ୍ଦ୍ର ଆହୁରି କହିଛନ୍ତି ରାଜ୍ୟରେ ତଥା କେନ୍ଦ୍ରରେ ଯେଉଁ ସର୍ବନିମ୍ନ ମଜୁରୀ ବ୍ୟବସ୍ଥା କରାଯାଇଛି ଏହାର ଏକ ସମୀକରଣ ହେବାର ଆବଶ୍ୟକତା ରହିଛି। ରେଳବାଇରେ ଗୋଡି ବାଡଉଥିବା ଶ୍ରମିକଟିଏ ଯେଉଁ ପାରିଶ୍ରମିକ ପାଉଛି, ରାଜ୍ୟରେ ସେହି କାର୍ଯ୍ୟକୁ କରୁଥିବା ଶ୍ରମିକଟିଏ ତାହା ପାଉନାହିଁ। ସେହିଭଳି ମନରେଗାରେ ଯେଉଁ କାର୍ଯ୍ୟ କରୁଛି ତାହାର ମୂଲ୍ୟ ମଧ୍ୟ ଅଲଗା। ତେଣୁ କଂଗ୍ରେସ ଦଳ ଏକ ସର୍ବନିମ୍ନ ମଜୁରୀର ଧାର୍ଯ୍ୟ କରିବାପାଇଁ ସରକାରଙ୍କ ଠାରେ ଦୃଢ଼ ଦାବି କରିବା ସହିତ ଗତ ୧୦ ବର୍ଷରେ ସେସ୍ ଟଙ୍କା ଖର୍ଚ୍ଚର ଏ.ଜି ଅଡିଟ୍ କରିବାପାଇଁ ଦୃଢ଼ ଦାବି କରୁଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅଣସଂଗଠିତ ଶ୍ରମିକ କଂଗ୍ରେସର ଅଧ୍ୟକ୍ଷ ବିଦ୍ୟାଧର ମହାନ୍ତି, ମୁଖପାତ୍ର ମନୋରଞ୍ଜନ ଦାଶ, ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ଉପସ୍ଥିତ ଥିଲେ।

## କରୋନାରେ ଆଉ ୬୬ ଜଣଙ୍କର ମୃତ୍ୟୁ , ମୋଟ ମୃତ୍ୟୁ ସଂଖ୍ୟା ୬୫୦୧ ହେଲା

ଭୁବନେଶ୍ୱର:ରାଜ୍ୟରେ କରୋନାରେ ଆଉ ୬୬ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୬୫୦୧ ହୋଇ ଯାଇଛି।ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୨୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କଟକ ଜିଲ୍ଲାରେ ୧୩ ଜଣଙ୍କର ମୃତ୍ୟୁ ଘଟିଛି। ସମ୍ବଲପୁର ଜିଲ୍ଲାରୁ ୮ ଜଣ ଓ ବରଗଡ ଜିଲ୍ଲାରୁ ୭ ଜଣ ମୃତକ ରହିଛନ୍ତି। ଅପରପକ୍ଷରେ ବଲାଙ୍ଗୀରରୁ ୩ ଜଣ ଓ ନୂଆପଡା ଜିଲ୍ଲାରୁ ୨ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ସେହିପରି, ସୁନ୍ଦରଗଡ, କଳାହାଣ୍ଡି, ସୁବର୍ଣ୍ଣପୁର ଓ ଝାରସୁଗୁଡା ଜିଲ୍ଲାରୁ ଜଣେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି।ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

# ଆଦାନୀ ଫାଉଣ୍ଡେସନ ପକ୍ଷରୁ ଶିକ୍ଷା ନିମନ୍ତେ ସହାୟତା ରାଶି ପ୍ରଦାନ

ଧାମରା, (ପିଏନ): ଆଦାନୀ ଧାମରା ପୋର୍ଟର ସିଏସ୍ଆର ୱିଙ୍ଗ୍ ଆଦାନୀ ଫାଉଣ୍ଡେସନ୍ ପକ୍ଷରୁ ଜାଗୁଳା ଗ୍ରାମପ□ାୟତ ଅନ୍ତର୍ଗତ ଜୟଦୁର୍ଗାପାଟଣା ଗ୍ରାମର ସ୍ୱର୍ଗତ ଶ୍ରଦ୍ଧାଞ୍ଜଳି ଗିରିଙ୍କ ଦୁଇ କନ୍ୟାଙ୍କୁ ଶିକ୍ଷା ନିମନ୍ତେ ସହାୟତା ରାଶିପ୍ରଦାନ କରାଯାଇଛି। ଏହି ସହାୟତାକୁ ସ୍ୱୀକାର କରି ସ୍ୱର୍ଗତ ଶ୍ରଦ୍ଧାଞ୍ଜଳି ଗିରିଙ୍କ ସ୍ୱାମୀ ମାନସ କୁମାର ଗିରି କହିଛନ୍ତି କି ଆଦାନୀ ଧାମରା ପୋର୍ଟ
କଠିନ ସମୟରେ ସବୁବେଳେ ଲୋକଙ୍କ ସହ ଛିଡା ହୋଇଛି । ଏହି ସହାୟତା ମୋ ପିଲାଙ୍କୁ ନିରବଚ୍ଛିନ୍ନ ଶିକ୍ଷା ଦେବାରେ ସାହାଯ୍ୟ କରିବ । ଅଭିଲିପ୍ସା ବର୍ତ୍ତମାନ କୋଇଥଖୋଲା ସରସ୍ୱତୀ ଶିଶୁ ମନ୍ଦିରରେ ପାଠ ପଢୁଛନ୍ତି । ଶ୍ରୀମତୀ ଗିରି ଆଦାନୀ ଫାଉଣ୍ଡେସନର ଫର୍ଚ୍ୟୁନ ସୁପୋଷଣ ପ୍ରକଳ୍ପରେ ସଙ୍ଗିନୀ ଭାବେ କାର୍ଯ୍ୟରତ ଥିଲେ। ଫର୍ଚ୍ୟୁନ ସୁପୋଷଣ ପ୍ରକଳ୍ପରେ ତାଙ୍କର ଉତ୍ସର୍ଗୀକୃତ ଅବଦାନର ସ୍ୱୀକୃତି ଭାବେ ଫାଉଣ୍ଡେସନ୍ ପକ୍ଷରୁ ତାଙ୍କର ଦୁଇ କନ୍ୟା ଅଭିଲିପ୍ସା ପ୍ରିୟଦର୍ଶିନୀ (୫ବର୍ଷ)



ଓ ସୋନାକ୍ଷୀ (ଦେଢ ବର୍ଷ)ଙ୍କୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ଗ୍ରହଣ ନିମନ୍ତେ ଏହି ରାଶି ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ ଯେ, ଆଦାନୀ ଧାମରା ପୋର୍ଟ ଏହାର ସିଏସ୍ଆର ୱିଙ୍ଗ୍ ଆଦାନୀ ଫାଉଣ୍ଡେସନ୍ ମାଧ୍ୟମରେ ଏହାର ପାରିପାର୍ଶ୍ୱିକ ତଥା ରେଳ କରିଡରରେ ଲୋକଙ୍କ କଲ୍ୟାଣ ପାଇଁ ବିଭିନ୍ନ ସିଏସ୍ଆର୍ ପଦକ୍ଷେପ ଗ୍ରହଣ କରୁଛି । ଶିକ୍ଷା, ସ୍ୱାସ୍ଥ୍ୟ, ସ୍ଥାୟୀ ଜୀବିକା ଏବଂ ସମ୍ପ୍ରଦାୟର ଭିତ୍ତିଭୂମି ବିକାଶ ହେଉଛି ମୁଖ୍ୟ କ୍ଷେତ୍ର ।

## ଏସଆରସିଙ୍କ ଗାଇଡ୍ ଲାଇନ୍ ଜାରି : ବିନା ଭକ୍ତରେ ହେବ ପୂଜା

ଭୁବନେଶ୍ୱର : ଗତବର୍ଷ ଭଳି ଏବର୍ଷ ବି ବିନା ଭକ୍ତରେ ହେବ ପୂଜା ପାର୍ବଣ। ଗଣେଶପୂଜା, ଦୁର୍ଗାପୂଜା, ଲକ୍ଷ୍ମୀପୂଜା ଓ କାଳୀପୂଜା ନେଇ ସୋମବାର ସ୍ୱତନ୍ତ୍ର ରିଲିଫ୍ କମିଶନର ମାର୍ଗଦର୍ଶିକା ଜାରି କରି ଏହା ସ୍ପଷ୍ଟ କରିଛନ୍ତି। ଏହାଛଡ଼ା ଅଗଷ୍ଟ, ସେପ୍ଟେମ୍ବର, ଅକ୍ଟୋବର ଓ ନଭେମ୍ବର ମାସରେ ପଡୁଥିବା ସବୁ ପାର୍ବଣ ଲାଗି ଏହି ନିୟମ ଲାଗୁ ହେବ। ଅପରପକ୍ଷରେ ସୀମିତ ଛାତ୍ରଛାତ୍ରୀମାନଙ୍କୁ ନେଇ ଶିକ୍ଷାନୁଷ୍ଠାନରେ ଗଣେଶ ପୂଜା ଲାଗି ଅନୁମତି ଦିଆଯାଇଛି।ଏସଆରସିଙ୍କ ଗାଇଡ୍ ଲାଇନ୍ ଅନୁଯାୟୀ କଟକଣା ସହ ପୂଜା ଆୟୋଜନ ପାଇଁ ପୂଜା କମିଟି ଗୁଡ଼ିକୁ ଅନୁମତି ଦିଆଯାଇଛି। ମଣ୍ଡପ, ପେଣ୍ଡାଲରେ ପୂଜା ପାଇଁ ଅନୁମତି ନେବା ଜରୁରୀ।ଜିଲ୍ଲାରେ ଜିଲ୍ଲାପାଳ ଓ ଟୁଇନ ସିଟିରେ ସିପିଙ୍କ ଅନୁମତି ଆବଶ୍ୟକ । କେବଳ ପରମ୍ପରା ରକ୍ଷା ପାଇଁ ନିରାଡ଼ମ୍ବର ଭାବେ ପୂଜା କରାଯିବ।କୌଣସି ସାଜସଜ୍ଜା ହୋଇପାରିବ ନାହିଁ କିମ୍ବା ମଣ୍ଡପକୁ ଶ୍ରଦ୍ଧାଳୁ ଆସି ପାରିବେ ନାହିଁ। ସବୁ ପୂଜାମଣ୍ଡପରେ ୪ଫୁଟରୁ କମ୍ ଉଚ୍ଚତାରେ ମୂର୍ତି ହେବ। ପୂଜାମଣ୍ଡପ ତିନି ପଟରୁ ସମ୍ପୂର୍ଣ୍ଣ ଆବଦ୍ଧ ହେବ। ସାମ୍ନା ପଟରୁ ଏମିତି ଆବଦ୍ଧ ହେବ ଯେମିତି ଦର୍ଶନ କରିବେନି ଭକ୍ତ। କର୍ତା, ପୁରୋହିତ ଓ ଅନୁଷ୍ଠାନର କର୍ମକର୍ତାଙ୍କୁ ମିଶାଇ ୭ଜଣଙ୍କୁ ଅନୁମତି ମିଳିବ। ବିସର୍ଜନ ଶୋଭାଯାତ୍ରା ହେବ ନାହିଁ। କୃତ୍ରିମ ପୋଖରୀରେ ମୂର୍ତି ବିସର୍ଜନ ହେବ। ଏହାଛଡ଼ା କୋଭିଡ୍ ନିୟମ ଓ ସାମାଜିକ ଦୂରତା ରକ୍ଷା ବାଧ୍ୟତାମୂଳକ। ଏହି ଅବସରରେ ଭୋଜିଭାତକୁ ବି ବାରଣ କରାଯାଇଛି।

# କ୍ରାନ୍ତି ଦିବସରେ ଓଡ଼ିଶାରେ ଭାରତ ଛାଡ଼ ଆନ୍ଦୋଳନ ଓ ତାର ପ୍ରଭାବ ଶୀର୍ଷକ ଆଲୋଚନାଚକ୍ର

ଭୁବନେଶ୍ୱର: କ୍ରାନ୍ତିଦିବସ ଉପଲକ୍ଷେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ରାଜ୍ୟ ଅଭିଲେଖାଗାରଠାରେ ଓଡ଼ିଶରେ ଭାରତ ଛାଡ଼ ଆନ୍ଦୋଳନ ଓ ତା'ର ପ୍ରଭାବ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । 'ଆଜାଦ୍ ଭାରତ କି ଅମୃତ ମହୋତ୍ସବ' ଅନ୍ତର୍ଗତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭାଗୀୟ ଶାସନ ସଚିବ ଡ. ସୁରେଶ ଚନ୍ଦ୍ର ଦଳାଇ ସ୍ୱାଧୀନ ଭାରତରେ ନାଗରିକମାନେ ସମାଜ ପ୍ରତି ରହିଥିବା କର୍ତବ୍ୟ ପାଳନ କରିବା ଦିଗରେ ଆଗଭର ହେବା ଆବଶ୍ୟକ ବୋଲି କହିଥିଲେ। ସଂସ୍କୃତି ନିର୍ଦ୍ଦେଶକ ରଂଜନ କୁମାର ଦାସ ପୌରୋହିତ୍ୟ କରି ଏହି ଆଲୋଚନାରେ ଓଡ଼ିଶା ଭାରତ ଛାଡ଼ ଆନ୍ଦୋଳନରେ ଯେଉଁ ଭୂମିକା ନେଇଥିଲା ତାହା ଜାତୀୟ ସ୍ତରରେ ଯଥାଯଥ ଭାବେ ଆଲୋଚିତ ହୋଇପାରି ନଥିଲା ବୋଲି ତାଙ୍କ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଆଲୋଚକ ବିଶିଷ୍ଟ ଐତିହାସିକ ଡ. କୈଳାସ ଚନ୍ଦ୍ର ଦାସ ଅଗଷ୍ଟ କ୍ରାନ୍ତିର ପୃଷ୍ଠଭୂମି ଓ ତତ୍କାଳୀନ ଜନମାନସରେ ତା'ର ପ୍ରଭାବ ସଂପର୍କରେ ସବିଶେଷ ବିବରଣୀ ଅବତାରଣ କରି ଓଡ଼ିଶାର ନେତୃବର୍ଗ ତାକୁ କି ଧରଣର ଆନ୍ଦୋଳନରେ ପରିଣତ କରିଥିଲେ ତାହା ବର୍ଣ୍ଣନା କରିଥିଲେ । ବମ୍ବେର ଗ୍ୱାଲିଆ ପୋଖରୀ ବା ଅଗଷ୍ଟ କ୍ରାନ୍ତି ମଇଦାନ ରେ ଭାରତୀୟ କଂଗ୍ରେସ ନେଇଥିବା ନିଷ୍ପତି ଓ ଗାନ୍ଧୀଙ୍କ କର ବା ମର ଡାକରାରେ ହିଂସା ଓ ଅହିଂସାର ପରିସୀମା ନିର୍ଦ୍ଧାରଣ କରାଯାଇ ନଥିବା ଉଲ୍ଲେଖ କରି ସେହି ଅଗଷ୍ଟ କ୍ରାନ୍ତିର ଭାରତ ଛାଡ଼ ଡାକରାରେ ଓଡ଼ିଶାର ଭଦ୍ରକର ଇରମ୍, ମାଲକାନଗିରିର ମାଥିଲି, ନବରଙ୍ଗପୁରର ପାପଡ଼ାହାଣ୍ଡି, ପୁରୀର ନିମାପଡ଼ା, ବାଲେଶ୍ୱରର ତୁଡ଼ିଗଡ଼ିଆ ଆଦି ସ୍ଥାନ ରେ ବହୁସଂଖ୍ୟକ ଆନ୍ଦୋଳନକାରୀ ପ୍ରାଣବଳୀ ଦେଇଥିଲେ ବୋଲି ସେ ତାଙ୍କ ଆଲୋଚନାରେ ସୂଚିତ କରିଥିଲେ। ଓଡ଼ିଶାର ନେତୃମଣ୍ଡଳୀଙ୍କ ମଧ୍ୟରେ ଅଗଷ୍ଟ କ୍ରାନ୍ତିରେ ସୁରେନ୍ଦ୍ରନାଥ ଦ୍ୱିବେଦୀ ଓ ମାଳତୀ ଚୌଧୁରୀଙ୍କ ବିଶେଷ ଭୂମିକା ଥିଲା । କଟକର ଅଲିସା ବଜାରର ନନ୍ଦ କିଶୋର ସାହୁଙ୍କ ଘରେ ଆତ୍ମଗୋପନ କରି ସେ ରାଜ୍ୟ ବ୍ୟାପୀ ସଂଗ୍ରାମୀମାନଙ୍କ ମଧ୍ୟରେ ଆନ୍ଦୋଳନର ବାର୍ତା ଥାଇ ପ୍ରଚାରପତ୍ର ଓ ଲିଫ୍‌ଲେଟ୍ ଆଦି ବାଂଟିବା କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ ବୋଲି କହିଥିଲେ। ତେବେ ଓଡ଼ିଶାରେ ହୋଇଥିବା ଅଗଷ୍ଟ କ୍ରାନ୍ତିର ପ୍ରକୃତ ମୂଲ୍ୟାଙ୍କନ କରାଯାଇନାହିଁ ବୋଲି ସେ ଉଲ୍ଲେଖ କରିଥିଲେ। ଏହି ଅବସରରେ ମୁଖ୍ୟବକ୍ତାଙ୍କୁ ଶାସନ ସଚିବ ଶ୍ରୀ ଦଳାଇ ବୃକ୍ଷଚାରା, ସ୍ମୃତିଫଳକ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ।

# ବିଜେପିର ରାଜ୍ୟସ୍ତରୀୟ ପଂଚାୟତରାଜ ସମିତି ବୈଠକ

ଭୁବନେଶ୍ୱର: ପଂଚାୟତରାଜ ବ୍ୟବସ୍ଥା କାର୍ଯ୍ୟକାରୀ ହେବାର ଦୀର୍ଘ ୨୮ ବର୍ଷ ବିତିଯାଇଥିଲେ ସୁଦ୍ଧା ଓଡିଶା ପ୍ରଦେଶରେ ଏହି ବ୍ୟବସ୍ଥାକୁ ସଠିକ ଭାବେ କାର୍ଯ୍ୟକାରୀ କରାଯାଇ ପାରିଲା ନାହିଁ । ରାଜ୍ୟ ସରକାର ପଂଚାୟତରାଜ ବ୍ୟବସ୍ଥାକୁ ସଂପୂର୍ଣ୍ଣ ରୂପେ ଜଳାଞ୍ଜଳୀ ଦେଇ ଗ୍ରାମାଂଚଳ ବିକାଶରେ ବାଧକ ସାଜିଛନ୍ତି । ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ତଥା ରାଜ୍ୟ ପଂଚାୟତରାଜ ସମିତିର ରାଜ୍ୟ ସଂଯୋଜକ ଶଙ୍କର ପରିଡା କହିଛନ୍ତି ।ଶନିବାର ରାଜ୍ୟ କାର୍ଯ୍ୟାଳୟରେ ପଂଚାୟତରାଜ ସମିତିର ଅଧ୍ୟକ୍ଷ ତଥା ପୂର୍ବତନ ପଂଚାୟତରାଜ ମନ୍ତ୍ରୀ ରଘୁନାଥ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ପଂଚାୟତରାଜ ସମିତି ବୈଠକ ପ୍ରସଙ୍ଗରେ ସୁଚନା ଦେଇ ଶ୍ରୀ ପରିଡା କହିଛନ୍ତି ଯେ, ମୋଦି ସରକାର ୨୦୧୪ ମସିହାରେ ଶାସନ କ୍ଷମତାକୁ ଆସିବା ପରେ ପଂଚାୟତ ବ୍ୟବସ୍ଥାର ସୁଫଳକୁ ତୃଣମୂଳ ସ୍ତରରେ ପହଂଚାଇବା ପାଇଁ ପଂଚାୟତରାଜ କ୍ଷମତାକୁ ବିକେନ୍ଦ୍ରୀକରଣ କରିଥିଲେ। ଚତୁର୍ଦ୍ଦଶ ଓ ପଂଚଦଶ ଅର୍ଥ କମିଶନଙ୍କ ସୁପାରିଶକ୍ରମେ ପଂଚାୟତ ତଥା ଗ୍ରାମାଂଚଳର ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ପଂଚାୟତମାନଙ୍କୁ ସିଧାସଳଖ ଆର୍ଥିକ ଅନୁଦାନ ଦିଆଗଲା । ଓଡିଶାକୁ ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ସୁପାରିଶକ୍ରମେ ୧୬୫ ପ୍ରତିଶତ ବୃଦ୍ଧି କରାଯାଇ ୧.୮୪ ଲକ୍ଷ କୋଟି ଟଙ୍କା ଅନୁଦାନ ଆସିଥିବାବେଳେ ପଂଚଦଶ ଅର୍ଥ କମିଶନଙ୍କ ସୁପାରିଶ ଆଧାରରେ ଏହି ଅନୁଦାନକୁ ୨.୨୨ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ପଂଚାୟତଗୁଡିକରେ ଅମଲାତନ୍ତ୍ରଙ୍କ ସିଧାସଳଖ ହସ୍ତକ୍ଷେପ କାରଣରୁ ଆଜି ପଂଚାୟତ ତଥା ଗ୍ରାମଂଚଳରେ ବିକାଶମୁଳକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ଲୋକଙ୍କୁ କ୍ଷମତା ଦେବା ପରିବର୍ତେ ଶାସକ ବିଜେଡି ପଂଚାୟତରାଜ ବ୍ୟବସ୍ଥାର କ୍ଷମତାକୁ ଅପହରଣ କରି ପଙ୍ଗୁ ଓ ଅଚଳ କରିଦେଇଛି । ରାଜ୍ୟ ସରକାର ନିର୍ବାଚିତ ଜନପ୍ରତିନିଧିଙ୍କ କ୍ଷମତାକୁ ସଂକୁଚିତ କରିଦେଇ ସମସ୍ତ କ୍ଷମତା ଅମଲାତନ୍ତ୍ରକୁ ପ୍ରଦାନ କରିଦେଇଛନ୍ତି । ଏହା ଗଣତନ୍ତ୍ରର ହତ୍ୟା ବୋଲି ଶ୍ରୀ ପରିଡା କହିଛନ୍ତି । ଗ୍ରାମାଂଚଳର ବିକାଶ ପାଇଁ ରାଜ୍ୟ ସରକାରଙ୍କ କୌଣସି ନିର୍ଦ୍ଦିଷ୍ଟ ଯୋଜନା ନାହିଁ । ସମସ୍ତ କେନ୍ଦ୍ରୀୟ ଓ ଜନକଲ୍ୟାଣ ଯୋଜନାକୁ ଅପହରଣ କରି ପଂଚାୟତରାଜ ବ୍ୟବସ୍ଥାକୁ ଦୁର୍ବଳ କରିବା ସହ ସାଧାରଣ ଗ୍ରାମାଂଚଳବାସୀଙ୍କୁ ବିଭିନ୍ନ ସୁବିଧା ସୁଯୋଗରୁ ବଂଚିତ ରଖୁଛନ୍ତି । ଗ୍ରାମାଂଚଳରେ ମିଳୁଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ରାଜ୍ୟ ସରକାର ଦଳୀୟ ଭିତିରେ ବଂଟନ କରି ବ୍ୟାପକ ଘୋଟାଲା କରୁଛନ୍ତି । ସେହିପରି ଗ୍ରାମାଂଚଳର ବିକାଶ ଓ ଭିତିଭୂମିକୁ ସୁଦୃଢ କରିବା ପାଇଁ ଆସୁଥିବା ପର୍ଯ୍ୟାପ୍ତ ପରିମାଣର କେନ୍ଦ୍ରୀୟ ଅନୁଦାନକୁ ସଠିକ୍ ବିନିଯୋଗ କରିବାରେ ରାଜ୍ୟ ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି । ଆଗାମୀ ଦିନରେ ଗ୍ରାମାଂଚଳରେ ବସବାସ କରୁଥିବା ଲୋକଙ୍କ ସମସ୍ୟାକୁ ଉଠାଇବା ସହ ତୃଣମୂଳସ୍ତରରେ ବିଜେପିର ସଙ୍ଗଠନକୁ ମଜବୁତ୍ କରିବା ହେଉଛି ଆଜିର ବୈଠକର ମୂଳ ଲକ୍ଷ୍ୟ । କେନ୍ଦ୍ର ସରକାରଙ୍କ ପଂଚାୟତବ୍ୟବସ୍ଥାକୁ ବିକନ୍ଦ୍ରୀକରଣ କରାଯାଇ ଗ୍ରାମାଂଚଳର ବିକାଶମୂଳକ ଯୋଜନାକୁ ସାଧାରଣ ଜନତାଙ୍କୁ ଅବଗତ କରାଯିବା ସହ ଅନ୍ୟ ପଟେ ଜନପ୍ରତିନିଧିଙ୍କ କ୍ଷମତାକୁ ସଂକୁଚିତ କରି ବିଭିନ୍ନ ଜନ ଓ ଗରୀବକଲ୍ୟାଣକୁ ଅପହରଣ କରୁଥିବା ଜନବିରୋଧୀ, ଜନପ୍ରତିନିଧି ବିରୋଧୀ, ଅମଲାତନ୍ତ୍ର ନିର୍ଭରଶୀଳ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ଜନଆନ୍ଦୋଳନ କରାଯିବ । ପଲ୍ଲୀସଭା, ଗ୍ରାମସଭାକୁ ଶକ୍ତିଶାଳୀ କରିବା, ପଂଚାୟତ ବ୍ୟବସ୍ଥାକୁ ସୁଦୃଢ କରିବା ଉଦ୍ଦେଶ୍ୟରେ ଅନୁଷ୍ଠିତ ଆଜିର ଏହି ବୈଠକରେ ବିଜେପିର ସମସ୍ତ ଜିଲ୍ଲା ପରିଷଦ ଅଧ୍ୟକ୍ଷ, ଉପାଧ୍ୟକ୍ଷ ଓ ସଦସ୍ୟମାନଙ୍କ ସହ ଆଲୋଚନା ହୋଇଛି ବୋଲି ଶ୍ରୀ ପରିଡା ସୁଚନା ଦେଇ କହିଛନ୍ତି ।ପ୍ରତିକୂଳ ପରିସ୍ଥିତିରେ ପଂଚାୟତ ନିର୍ବାଚନ ଆମ ସମସ୍ତଙ୍କ ପାଇଁ ଏକ ବଡ ଆହ୍ୱାନ । ପଂଚାୟତ ନିର୍ବାଚନ ପାଇଁ ସ୍ଥାନୀୟ ନେତୃବୃନ୍ଦ ଆଗକୁ ଆସି ବିଭିନ୍ନ ଦାୟିତ୍ୱ ନେଇ କାର୍ଯ୍ୟ କରିବେ । ପ୍ରତ୍ୟେକ ଗାଁ ଗାଁ ବୁଲି ପଦଯାତ୍ରା କରି ଲୋକଙ୍କ ସହ ଯୋଡି ହେବା ଓ 'ସେବା ହିଁ ସଙ୍ଗଠନ'କୁ ଆଧାର କରି ଲୋକଙ୍କ ପାଖରେ ପହଂଚି ସେମାନଙ୍କ ସମସ୍ୟାକୁ ଉଠାଇବା ପାଇଁ ପଂଚାୟତରାଜ କମିଟିର ଅଧ୍ୟକ୍ଷ ତଥା ପୂର୍ବତନ ପଂଚାୟତରାଜ ମନ୍ତ୍ରୀ ରଘୁନାଥ ମହାନ୍ତି ଆହ୍ୱାନ ଦେଇଛନ୍ତି ।ଏହି ବୈଠକରେ ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, ରାଜ୍ୟ ଉପସଭାପତି ତଥା ବିଧାୟକ ନାଉରୀ ନାଏକ, ପୂର୍ବତନ ବିଧାୟକ ତଥା ରାଜ୍ୟ ସାଧାରଣ ସଂପାଦକ ରବି ନାଏକ, ପୃଥ୍ୱୀରାଜ ହରିଚନ୍ଦନ, ଗୋଲକ ମହାପାତ୍ର ଓ ଡ.ଲେଖାଶ୍ରୀ ସାମନ୍ତସିଂହାର, ବରିଷ୍ଠ ନେତା ରଂଜନ ପଟେଲ, ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରିଥିଲେ ।

# ଅଣ ସଂଗଠିତ ଶ୍ରମିକଙ୍କ ସମସ୍ୟାକୁ ନେଇ ବିଧାନସଭା ଘେରିଲା ଏ.ଆଇ.ୟୁ.ଡବ୍ଲୁ.ସି

ଭୁବନେଶ୍ୱର : ଦଫା ଦାବିନେଇପ୍ରଦେଶ ଅଣ ସଂଗଠିତ ଶ୍ରମିକ କଂଗ୍ରେସର ରାଜ୍ୟ ଅଧ୍ୟକ୍ଷ ବିଦ୍ୟାଧର ମହାନ୍ତିଙ୍କ ନେତୃତ୍ୱରେ ସୋମବାର କଂଗ୍ରେସ ଭବନ ଠାରୁ ଏକ ଶୋଭାଯାତ୍ରା ବାହାରି ରାଜ୍ୟର ସମସ୍ତ ଜିଲ୍ଲା କମିଟି ନେତୃବୃନ୍ଦ ବିଧାନସଭା ଘେରାଓ ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାସହିତ ସହିତ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ନିର୍ମାଣ ଶ୍ରମିକ, କୃଷି, ମନରେଗା, ଉଠା ଦୋକାନୀ, ଘରୋଇ ଶ୍ରମିକ ଭାବେ ରାଜ୍ୟରେ ବିଭିନ୍ନ କ୍ଷେତ୍ରରେ ୧.୬୨ କୋଟି ଅଣସଂଗଠିତ ଶ୍ରମିକ କାର୍ଯ୍ୟ କରୁଥିଲେ ମଧ୍ୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କାଁ ଭାଁ ୮୦ଲକ୍ଷ ଅଣ ସଂଗଠିତ ଶ୍ରମିକଙ୍କ ନାମ ପଞ୍ଜିକୃତକରି ଧର୍ମକୁ ଆଖିଠାର ମାରିଥିବା ପ୍ରତିବାଦରେ ରାଜ୍ୟ ଅଣସଂଗଠିତ ଶ୍ରମିକ କଂଗ୍ରେସ ମନରେଗାରେ ଚାଲିଥିବା ମାଫିଆରାଜ ବନ୍ଦ କରିବା, ସମସ୍ତ ନିର୍ମାଣ ଶ୍ରମିକ ମାନଙ୍କ ନାମ ପଞ୍ଜିକୃତ କରିବା ସହିତ ପଞ୍ଜିକୃତ ଅଣସଂଗଠିତ ଶ୍ରମିକ, ନିର୍ମାଣ ଶ୍ରମିକ, କୃଷି ଶ୍ରମିକ ଓ ମନରେଗାରେ କାର୍ଯ୍ୟକରୁଥିବା ଶ୍ରମିକଙ୍କୁ ୧୦୦ ଦିନର କାମ ଯୋଗାଇ ଦେବା ଓ ସେମାନଙ୍କୁ କୋଭିଡ ସହାୟତା ରାଶି ଯୋଗାଇ ଦେବା, ପ୍ରବାସୀ ଶ୍ରମିକ ମାନଙ୍କୁ ରାଜ୍ୟ ସରକାର ସାମାଜିକ ସୁରକ୍ଷା ଦେବା ସହିତ ସେମାନଙ୍କୁ ଦୁର୍ଘଟଣା ଓ ମୃତ୍ୟୁକାଳୀନ କ୍ଷତିପୂରଣ ଯୋଗାଇଦେବା ରାଜ୍ୟରେ ସମସ୍ତ ପଞ୍ଜିକୃତ ନିର୍ମାଣ ଓ ଅଣସଂଗଠିତ ଶ୍ରମିକମାନଙ୍କୁ କୋଭିଡ ମହାମାରୀରେ ଆର୍ଥିକ ସହାୟତା ଯୋଗାଇଦେବାକୁ କଂଗ୍ରେସ ଦାବି କରିଛି। ଏହି ଅବସରରେ ଏକ ପ୍ରତିବାଦ ସଭା ରାଜ୍ୟ ଅଧ୍ୟକ୍ଷ ବିଦ୍ୟାଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପଂଚାନନ କାନୁନଗୋ,ବିଧାୟକ ସୁରେଶ କୁମାର ରାଉତରାୟ, ଓଡ଼ିଶା ପ୍ରଦେଶ କଂଗ୍ରେସ ସେବାଦଳର ଅଧ୍ୟକ୍ଷ ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ଶିବାନନ୍ଦ ରାୟ, ଏ.ଆଇ.ୟୁ.ଡବ୍ଲୁ.ସି ର ରାଜ୍ୟ ଉପାଧ୍ୟକ୍ଷା ଜ୍ୟୋତ୍ସ୍ନା ସେନାପତି, ରାଜ୍ୟ ସଂପାଦକ କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଏହି ବିକ୍ଷୋଭରେ ଉପସ୍ଥିତ ଥିଲେ।

# ଏଓବିଏସଓ ଛାତ୍ର ସଂଘ ତରଫରୁ ମାସ୍କ ବଂଟନ ସହ ଜନ ସଚେତନତା କାର୍ଯ୍ୟକ୍ରମ



ଭୁବନେଶ୍ୱର,(ପିନେ) : କୋଭିଡ୍ ମହାମାରୀ ନେଇ ତୃଣମୂଳସ୍ତରରେ ସଚେତନତାକୁ ବ୍ୟାପକ କରିବା ପାଇଁ ଅକ୍ଟୋବର ୨ ରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ କ୍ରମେ "ଜନ ସଚେତନତା ଅଭିଯାନ" ଆରମ୍ଭ ହୋଇଛି । ଆଜି ଭୁବନେଶ୍ୱର ସ୍ଥିତ ରାଜମହଲ ଛକଠାରେ ଅଲ୍ ଓଡ଼ିଶା ବିପିୟୁଟି ଷ୍ଟୁଡେଂଟ୍ସ ଅର୍ଗାନାଇଜେସନ (ଏଓବିଏସଓ) ତରଫରୁ ମାସ୍କ ବଂଟନ ସହ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମକୁ ସଂଘର ଉପ-ପ୍ରତିଷ୍ଠାତା ତଥା ଯୁବ ବିଜେଡ଼ି ରାଜ୍ୟ ସାଧାରଣ ସଂପାଦକ ତାରିଣୀ ପ୍ରସାଦ ନାୟକଙ୍କ ନେତୃତ୍ୱରେ ଉପଦେଷ୍ଟା ତଥା ଯୁବ ବିଜେଡ଼ି ବରିଷ୍ଠ ଉପ-ସଭାପତି ଧୃତି ମାର୍ଥା, ସଂଘର ଉପ-ପ୍ରତିଷ୍ଠାତା ବାସୁଦେବ ସା, ଯୁବ ବିଜେଡ଼ି ସାରାଧଣ ସମ୍ପାଦକ ଅବିନାଶ ପ୍ରଧାନ, କାର୍ଯ୍ୟକାରୀ ସଦସ୍ୟ ପ୍ରସନ୍ନ ପାଣି, ଯୁବ ବିଜେଡ଼ି ଯୁଗ୍ମ ସମ୍ପାଦକ ପୁର୍ଣ୍ଣେନ୍ଦୁ ପୂଜାପଣ୍ଡା, ଯୁବ ବିଜେଡ଼ି ସମ୍ପାଦକ ସୋନାଲି ପ୍ରିୟଦର୍ଶିନୀ, ଦିପ୍ତିମୟୀ ପତି, ଛାତ୍ର ବିଜେଡ଼ି ରାଜ୍ୟ ସାରାଧଣ ସମ୍ପାଦକ ସଂକେତ ରାୟ, ପିଙ୍କି, ମହିମା, କିଶୋର ବେହେରା, ଡିପ୍ଲୋମା ମୁଖ୍ୟ ସଂଗଠକ ତଥା ଛାତ୍ର ବିଜେଡ଼ି ସମ୍ପାଦକ ଅନନ୍ତ ନାରାୟଣ ଜେନା, ବିପିୟୁଟି ମୁଖ୍ୟ ସଂଗଠକ ତଥା ଛାତ୍ର ବିଜେଡ଼ି ଯୁଗ୍ମ ସମ୍ପାଦକ ପବନ ସ୍ୱାଇଁ, ଶ୍ରୀତମ ପଟ୍ଟନାୟକ, ଆଚାର୍ଯ୍ୟ ରକି ପ୍ରିୟଦର୍ଶନ, ରାକେଶ ପାତ୍ର, ଅଂକେଶ, ସ୍ମୃତିରାଜ ମହାନ୍ତି, ତନବୀର ଖାନ୍, ଡିପ୍ଲୋମା ସଭାପତି ବିକାଶ ପଣ୍ଡା, ଶୁଭମ ସ୍ୱାଇଁ, ଓମ୍ ପ୍ରସାଦ ବେହେରା, ଆଶିଷ ଦାସ, ନୀତିଶ, ଆଶୁତୋଷ, ଅରବିନ୍ଦ୍, ସନ୍ଦୀପ, ସ୍ୱାଗତ ମହାପାତ୍ର ଆଦି ଉପସ୍ଥିତ ଥିଲେ ।

## ସ୍ୱାସ୍ଥ୍ୟ ସେବାକୁ ମୌଳିକ ଅଧିକାର ପରିସରଭୁକ୍ତ କର : କଂଗ୍ରେସ

ଭୁବନେଶ୍ୱର : ସମ୍ବିଧାନର ସପ୍ତମ ଅନୁସୂଚୀ ଅନୁସାରେ ସ୍ୱାସ୍ଥ୍ୟ ହେଉଛି ରାଜ୍ୟ ତାଲିକାଭୁକ୍ତ ବିଷୟ। ଧାରା ୪୭ କହେଯେ ଜନସ୍ୱାସ୍ଥ୍ୟର ମାନବୃଦ୍ଧି ହେଉଛି ସରକାରଙ୍କ ଦାୟିତ୍ୱ। କିନ୍ତୁ ଦୁର୍ଭାଗ୍ୟ ଯେ ରାଜ୍ୟ ସରକାରଙ୍କ ଏଥିପ୍ରତି ଯଥୋଚିତ ଦୃଷ୍ଟି ନାହିଁ। ରାଜ୍ୟର ବିଜେଡ଼ି ସରାର ନିଜ ଦଳର ସ୍ୱାସ୍ଥ୍ୟ ପ୍ରତି ସଚେତନ କିନ୍ତୁ ଜନ ସ୍ୱାସ୍ଥ୍ୟପ୍ରତି ଉଦାସୀନ। ଫଳତଃ ରାଜ୍ୟବାସୀ ଅବହେଳିତ ହେଉଛନ୍ତି। ଅର୍ଥାଭାବରୁ ଉତମ ଚିକିତ୍ସାରୁ ବଂଚିତ ହୋଇ ବହୁ ଯନ୍ତ୍ରଣା ଭୋଗୁଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପିସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଗଣେଶ୍ୱର ବେହେରା କହିଛନ୍ତି ଯେ ସ୍ୱାସ୍ଥ୍ୟପ୍ରତି ଅବହେଳା ଅପରାଧିକ ଅବହେଳା। ରାଜ୍ୟ ସରକାର ଖାଲି ପଡ଼ିଥିବା ୨୩୬୬ ଡାକ୍ତର ପଦବୀ, ସରକାରୀ ମେଡିକାଲ କଲେଜ ମାନଙ୍କରେ ୨୦୨ ପ୍ରଫେସର, ସହଯୋଗୀ ପ୍ରଫେସର ଓ ସହାୟକ ପ୍ରଫେସର ପଦବୀ ପୂରଣ କରିପାରି ନାହାନ୍ତି। ଏଥି ସହିତ ପାରାମେଡିକାଲ ଷ୍ଟାଫ ମାନଙ୍କ କ୍ଷେତ୍ରରେ ମଧ୍ୟ ଖାଲିସ୍ଥାନ ପଡ଼ିରହିଛି। ସରକାର ୨୦୨୦-୨୧ ଅର୍ଥନୈତିକ ସର୍ତରେ ଘୋଷଣା କଲେ ଯେ ଅଧିକ ସଂଖ୍ୟକ ମେଡିକାଲ କଲେଜମାନ ଖୋଲିବୁ ଓ ଡାକ୍ତର ଅଭାବଜନିତ ସମସ୍ୟାର ଅନ୍ତ ଘଟାଇବୁ। କିନ୍ତୁ ଅପରପକ୍ଷରେ କେନ୍ଦ୍ରାପଡ଼ାରେ ମାଟିପାଇଁ ପାଟି ଖୋଲି ଆନ୍ଦୋଳନ କରି କଂଗ୍ରେସ ମେଡିକାଲ କଲେଜଟିଏ ସ୍ଥାପନ ନିମନ୍ତେ ଦାବି କରିଚାଲିଥିଲେ ମଧ୍ୟ ଶୁଣାଯାଉ ନାହିଁ। ଭଦ୍ରକ ଓ ରାୟଗଡ଼ା ଠାରେ ମଧ୍ୟ ମେଡିକାଲ କଲେଜ ଆନ୍ଦୋଳନ ଜୋରଦାର ହେଉଛି। ସରକାର ମୌନବ୍ରତରେ ଅଛନ୍ତି। ସୁନ୍ଦରଗଡ଼ ଭଳି ରାଜ୍ୟ ସରକାର ପ୍ରତିଷ୍ଠା କରିଥିବା ମେଡିକାଲ ନାହିଁ ନାହିଁରେ ଚାଲିଥିବାରୁ ଜିଲ୍ଲାବାସୀ ଆବଶ୍ୟକୀୟ ସୁବିଧା ଯୋଗାଇ ଦେବାପାଇଁ ରାସ୍ତାକୁ ଓହ୍ଲାଇଛନ୍ତି। ଆଜି ପର୍ଯ୍ୟନ୍ତ ଜିଲ୍ଲା ସଦର ମହକୁମା ହସ୍‌ପିଟାଲରେ ଆସିୟୁର ବ୍ୟବସ୍ଥା ନାହିଁ। ସବ୍‌ଡିଭିଜନ ସ୍ତରୀୟ ଓ ବ୍ଲକ ସ୍ତରୀୟ ସିଏଚସି ଓ ପିଏଚସି ମାନଙ୍କରେ ରୋଗ ନିରୂପଣ ବ୍ୟବସ୍ଥା ନାହିଁ। ଯାହା ଫଳରେ ରୋଗରେ ପଡ଼ି ଲୋକେ ବେସରକାରୀ ମେଡିକାଲ ଯିବାକୁ ବାଧ ହେଉଛନ୍ତି। ନିକାଲ ଏଷ୍ଟାବ୍ଲିସ ମେଂଟ ଆଇନ ୨୦୧୦ ଓ ରାଜ୍ୟର ନିଜସ୍ୱ ୧୯୯୦ ଆଇନ ଅନୁସାରେ ସରକାରଙ୍କ ସଂପୂର୍ଣ୍ଣ କ୍ଷମତା ଥାଇ ମଧ୍ୟ ଏହାର ପ୍ରୟୋଗ ହେଉନଥିବା କ୍ଷୋଭର ବିଷୟ।

# ଘଟଗାଁ ବ୍ଲକରୁ ପ୍ଲାଜମା ଦାନ କଲେ ୩ଜଣ




ଗୋଳାବନ୍ଧ(ପିଏନ)- ଘଟଗାଁ ବ୍ଲକର ୩ଜଣ ପ୍ରବାସୀ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲରେ ଅବସ୍ଥାପ୍ଲଚ୍ଛ ପ୍ଲାଜମା ଦାନ କେନ୍ଦ୍ରରେ ପ୍ଲାଜମା ଦାନ କରି ଫେରିଛନ୍ତି । ଖବରରୁ ପ୍ରକାଶ ଯେ ରାଜ୍ୟ ସରକାର ଗୁରୁତର କରୋନା ରୋଗୀଙ୍କ ଆଶୁ ଆରୋଗ୍ୟ ପାଇଁ ପ୍ଲାଜମା ଦାନକୁ ଏକ ଫଳପ୍ରଦ ପଦ୍ଧତି ରୂପେ ଆପଣେଇବା ସହ ଏ ନେଇ ଉତ୍ସାହିତ କରି ଆସୁଛନ୍ତି । କିଛିଦିନ ପୂର୍ବେ ପ୍ରଥମ ଦଫାରେ ଘଟଗାଁ ବ୍ଲକ ପ୍ରଶାସନ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ୯ଜଣଙ୍କ ନାମ ଜିଲ୍ଲା ପ୍ରଶାସନକୁ ପ୍ରେରଣ କରାଯାଇଥିଲା । ଜିଲ୍ଲା ପ୍ରଶାସନ ସେମାନଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୪ଜଣଙ୍କୁ ପ୍ରେରଣ କରିବା ନିମିତ୍ତ ପତ୍ର ପ୍ରେରଣ କରିଥିଲେ । ମାତ୍ର ଶେଷ ମୁହୂର୍ତ୍ତରେ ଜନୈକ ବ୍ୟାଙ୍କ କର୍ମଚାରୀ ଏ ନେଇ ମନା କରିବା ପରେ ୩ଜଣ ଯାଇ ପ୍ଲାଜମା ଦାନ କରି ଆସିଛନ୍ତି । ପ୍ଲାଜମା ଦାନ କରିବା ପୂର୍ବରୁ ସରକାରଙ୍କ ତରଫରୁ ଆନୁଷଙ୍ଗିକ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସେମାନଙ୍କୁ ରହିବା ଓ ଖାଇବାର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା । ପରେ ପରେ ଏହି ଉଲ୍ଲେଖନୀୟ ତଥା ମହତ କାର୍ଯ୍ୟ ପାଇଁ ରାଜ୍ୟ ସରକାରଙ୍କ ପ୍ରଶସ୍ତିପତ୍ର ପ୍ରଦାନ କରାଯାଇଥିଲା । ସୂଚନା ଥାଉକି କୋରନାରୁ ସୁସ୍ଥ ହେବାର ଅନ୍ୟୁନ ୨୮ଦିନ ପରେ ଏକାଧିକ ରୋଗ ନଥିବା ଜଣେ ସୁସ୍ଥ ବ୍ୟକ୍ତି ପ୍ଲାଜମା ଦାନ କରିବାର ନିୟମ ରହିଛି ଓ ଜଣେ ବ୍ୟକ୍ତିର ପ୍ଲାଜମା ସହାୟତାରେ ୨ଜଣ ରୋଗୀଙ୍କୁ ସୁସ୍ଥ କରାଯାଇ ପାରୁଛି । ବିଡିଓ ନାୟାରଣ ସାହୁ, ଡାକ୍ତର ମୁକ୍ତିକାନ୍ତ ନାୟକ, ଏବିଡିଓ ଚିତ୍ତରଞ୍ଜନ ନାୟକ ଓ ସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ବିପୀନ ଷଡଙ୍ଗୀ ଅଧିକରୁ ଅଧିକ ସୁସ୍ଥ ହୋଇଥିବା ପ୍ରବାସୀ ତଥା ସାଧାରଣ ବ୍ୟକ୍ତି ପ୍ଲାଜମା ଦାନ ଭଳି ମହାନ କାର୍ଯ୍ୟ ପାଇଁ ଆଗେଇ ଆସିବାକୁ ନିବେଦନ କରିବା ସହ ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମ ଅବ୍ୟାହତ ରଖିଛନ୍ତି ।




# ଓଡ଼ିଶାରେ ପଛୁଆବର୍ଗଙ୍କ ପାଇଁ ୨୭ଭାଗ ସ୍ଥାନ ସଂରକ୍ଷଣ କରାଯାଉ : ସମାଜବାଦୀ ପାର୍ଟି

ଭୁବନେଶ୍ୱର :'ସାମାଜିକ ନ୍ୟାୟ ଦିବସ' ପାଳନ ପରିପ୍ରେକ୍ଷୀରେ ରାଜ୍ୟରେ ପଛୁଆବର୍ଗଙ୍କ ନିମିତ ଚାକିରୀ ଓ ନାମଲେଖା କ୍ଷେତ୍ରରେ ୨୭ଭାଗ ସ୍ଥାନ ସଂରକ୍ଷଣ ଦାବିରେ ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି।୧୯୯୦ ମସିହା ଅଗଷ୍ଟ ୭ ତାରିଖ ଦିନ କେନ୍ଦ୍ର ସରକାର ଦେଶର ଓ.ବି.ସି.ଙ୍କ ପାଇଁ ସରକାରୀ ଚାକିରୀରେ ୨୭ଭାଗ ସ୍ଥାନ ସଂରକ୍ଷଣ ପ୍ରଦାନ କଲେ। ଏହାକୁ ସୁପ୍ରିମକୋର୍ଟ 'ଇନ୍ଦ୍ର ସାହାଣୀ' ମୋକଦ୍ଦମାରେ ବୈଧ ଘୋଷଣା କରିବା ସହିତ ବିଶେଷ ପରିସ୍ଥିତିରେ ୫୦ଭାଗରୁ ଅଧିକ ସଂରକ୍ଷଣ ଦିଆଯାଇ ପାରିବ ବୋଲି ମତାମତ ଦେଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ ଯଥା ଆଇଆଇଟି, ଆଇଆଇଏମ୍ ଏବଂ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ନାମ ଲେଖା କ୍ଷେତ୍ରରେ ଓବିସି ପିଲାଙ୍କୁ ୨୦୦୬-୦୭ ମସିହାରୁ ୨୭ ଭାଗ ସ୍ଥାନ ସଂରକ୍ଷଣ ଦିଆଯାଉଅଛି। କିନ୍ତୁ ଓଡ଼ିଶାରେ ଓବିସି ଛାତ୍ରଛାତ୍ରୀମାନଙ୍କ ପାଇଁ ନିଯୁକ୍ତି କ୍ଷେତ୍ରରେ ମାତ୍ର ୧୧.୨୫ଭାଗ ସଂରକ୍ଷଣ ଦିଆଯିବା ସହିତ ମେଡ଼ିକାଲ, ଇଞ୍ଜିନିୟରିଂ ଓ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ନାମ ଲେଖାରେ ଆଦୌ ସଂରକ୍ଷଣ ଦିଆଯାଉ ନାହିଁ। ଏହା ଫଳରେ ଓବିସି ବର୍ଗର ବହୁ ଛାତ୍ରଛାତ୍ରୀ ନିଯୁକ୍ତିରୁ ବଂଚିତ ହେବା ସହିତ ଉଚ୍ଚଶିକ୍ଷା ପାଇବାରୁ ମଧ ବଂଚିତ ହେଉଛନ୍ତି ବୋଲି ଏହି ପ୍ରତିବାଦ ସମାରୋହରେ ଯୋଗଦେଇ ପାର୍ଟିର ରାଜ୍ୟ ସଭାପତି ରବି ବେହେରା ପ୍ରକାଶ କରିଛନ୍ତି। ତେଣୁ ଏହି ପରିପ୍ରେକ୍ଷୀରେ ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ସାମାଜିକ ନ୍ୟାୟ ଦିବସ ପାଳନ ଅବସରରେ ରାଜ୍ୟର ଓବିସି ବର୍ଗଙ୍କୁ ଚାକିରୀ ଓ ନାମଲେଖାରେ ୨୭ଭାଗ ସ୍ଥାନ ସଂରକ୍ଷଣ ପାଇଁ ପାର୍ଟି ପକ୍ଷରୁ ଦାବି କରାଯାଇଛି। ଜାତିଗତ ଜନଗଣନା ଲାଗୁ କରାଗଲେ ରାଜ୍ୟର ଦଳିତ, ଆଦିବାସୀ ଓ ପଛୁଆବର୍ଗର ଜନସାଧାରଣ ଯୋଜନାର ସୁଫଳ ପାଇବା ସହିତ ସଂରକ୍ଷଣର ସୁବିଧା ସୁଯୋଗ ମଧ ପାଇପାରିବେ। ୨୦୦୯ ମସିହାରୁ କେନ୍ଦ୍ର ସରକାର ଜାତିଗତ ଜନଗଣନା ନେଇ ପଦକ୍ଷେପ ନେଇଥିଲେ ମଧ ଆଜି ପର୍ଯ୍ୟନ୍ତ ତାହା ଲାଗୁ କରାଗଲା ନାହିଁ। ୨୦୧୯ ମସିହାରେ ତତ୍କାଳୀନ ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂ ପାର୍ଲାମେଂଟକୁ ପ୍ରତିଶ୍ରୁତି ଦେଇଥିଲେ ଯେ, ୨୦୨୧ ଜାତୀୟ ଜନଗଣନାରେ ଜାତିଗତ ଜନଗଣନାକୁ ସ୍ଥାନିତ କରାଯିବ। ଖୋଦ୍ ଓଡ଼ିଶା ସରକାର ଜାତିଗତ ଜନଗଣନା ପାଇଁ କରିଥିବା ଦାବିକୁ କେନ୍ଦ୍ର ସରକାର ପ୍ରତ୍ୟାଖାନ କରିଛନ୍ତି। ତେଣୁ ଓଡ଼ିଶା ସରକାର ଜାତିଗତ ଜନଗଣନା ପାଇଁ ନିଜସ୍ୱ ଉଦ୍ୟମରେ ପଦକ୍ଷେପ ନେବା ସହିତ ଭାରତ ସରକାରଙ୍କ ଉପରେ ଏଥିପାଇଁ ଚାପ ପ୍ରୟୋଗ କରିବାକୁ ଶ୍ରୀ ବେହେରା ଦାବି କରିଛନ୍ତି।୨୦୦୮ ମସିହାରେ ଓଡ଼ିଶା ବିଧାନସଭା ସର୍ବସମ୍ମତ ଭାବରେ ପଛୁଆବର୍ଗଙ୍କ ପାଇଁ ୨୭ଭାଗ ସ୍ଥାନ ସଂରକ୍ଷଣକୁ ଲାଗୁ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରିଥିଲେ। ଏହାକୁ ଭାରତ ସମ୍ବିଧାନର ନବମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରିବା ନିମିତ କେନ୍ଦ୍ର ସରକାରଙ୍କ ନିକଟକୁ ପ୍ରସ୍ତାବ ପଠାଯାଇଥିଲା। କିନ୍ତୁ ଆଜିକୁ ୧୩ ବର୍ଷ ହେଲା ତାହା ଶୀତଳ ଭଣ୍ଡାରରେ ପଡ଼ିରହିଛି। 'ମରାଠା ସଂରକ୍ଷଣ' ଉପରେ ସୁପ୍ରିମ କୋର୍ଟଙ୍କ ରାୟ ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ସମ୍ବିଧାନ ସଂଶୋଧନ କରିବା ପାଇଁ ସଂସଦରେ ପ୍ରସ୍ତାବ ଆଗତ କରିବାକୁ ଯାଉଛନ୍ତି। ତେଣୁ ଓଡ଼ିଶା ସରକାର ଓ ଆମ ରାଜ୍ୟର ସାଂସଦମାନେ ଓଡ଼ିଶା ସଂରକ୍ଷଣ ଆଇନ୍-୨୦୦୮କୁ ସମ୍ବିଧାନର ନବମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରିବା ପାଇଁ କେନ୍ଦ୍ର ସରକାରଙ୍କ ଉପରେ ଚାପ ପ୍ରୟୋଗ କରିବାକୁ ସମାଜବାଦୀ ପାର୍ଟି ଦାବି କରୁଛି। ପାର୍ଟିର ରାଜ୍ୟ ସଭାପତି ଶ୍ରୀ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ପାର୍ଟିର ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, ଅଖିଳ ଭାରତ ଯାଦବ ମହାସଭାର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଦାସ, ବରିଷ୍ଠ ସମାଜବାଦୀ ନେତା ବିଜୟ ବେହେରା, ଯୁବ ଜନସଭାର ସଭାପତି ସୁବ୍ରତ ଲେଙ୍କା, ଯୁବନେତା ଗଣେଶ୍ୱର ଦାସ, ନାରୀନେତ୍ରୀ ସୁଧାରାଣୀ ସାହୁ, ଛାତ୍ରନେତା ସୌମ୍ୟରଞ୍ଜନ ଦାସ ପ୍ରମୁଖ ଏହି ପ୍ରତିବାଦ ସମାରୋହରେ ଅଂଶଗ୍ରହଣ କରି ରାଜ୍ୟରେ ପଛୁଆବର୍ଗଙ୍କ ପାଇଁ ନିଯୁକ୍ତି ଓ ନାମଲେଖାରେ ୨୭ଭାଗ ସ୍ଥାନ ସଂରକ୍ଷଣ ପାଇଁ ଦାବି କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତିନିଦଫା ସମ୍ବଳିତ ଦାବିପତ୍ର ପାର୍ଟି ପକ୍ଷରୁ ପ୍ରଦାନ କରାଯାଇ ଓଡ଼ିଶାରେ ତୁରନ୍ତ ପଛୁଆବର୍ଗ ସଂରକ୍ଷଣ ଲାଗୁ କରିବାକୁ ଦାବି କରାଯାଇଛି।

# ଦୁଗ୍ଧଚାଷୀଙ୍କୁ କୋଭିଡ୍ ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା : ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ

ଭୁବନେଶ୍ୱର: ରାଜ୍ୟର ୧ଲକ୍ଷ ଦୁଗ୍ଧଚାଷୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ଆଜି ୧୧ କୋଟି ଟଙ୍କାର କୋଭିଡ୍ ସହାୟତା ରାଶି ପ୍ରଦାନ କରାଯାଇଛି। ଏହାଦ୍ୱାରା ଜଣେ ଜଣେ ଚାଷୀ ୬ ହଜାର ଟଙ୍କା ପର୍ଯ୍ୟନ୍ତ କୋଭିଡ୍ ସହାୟତା ପାଇଛନ୍ତି। ରାଜ୍ୟର ଦୁଗ୍ଧଚାଷୀମାନଙ୍କ ପ୍ରତି ମୁଖ୍ୟମନ୍ତ୍ରୀଙ୍କର ଏହି ସହାୟତା ଏକ ବହୁତ ବଡ଼ ପଦକ୍ଷେପ ବୋଲି ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ପକ୍ଷରୁ ପ୍ରଦାନ କରାଯାଇଛି। ମହାସଂଘର ରାଜ୍ୟ ଅଧକ୍ଷ ରବି ବେହେରା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବା ସହିତ ପ୍ରକାଶ କରିଛନ୍ତି ଯେ, ଓମ୍‌ଫେଡ୍ ଜରିଆରେ ୨ଲକ୍ଷ ୭୮ ହଜାର ଚାଷୀ ପ୍ରତିଦିନ ହାରାହାରି ୬ଲକ୍ଷ ଲିଟର କ୍ଷୀର ଉତ୍ପାଦନ କରୁଛନ୍ତି। ଏହାବ୍ୟତୀତ ପ୍ରଗତି ଡାଏରୀ, ମିଲ୍କ ମୁଁ ଓ ଓଡ଼ିଶା ଡାଏରୀ ପାଖାପାଖି ୨ଲକ୍ଷ ଲିଟର କ୍ଷୀର ଦେଇ ନିଜର ଜୀବିକା ନିର୍ବାହ କରୁଛନ୍ତି। କିନ୍ତୁ କୋଭିଡ୍ ସମୟରେ କେହି ଡାଏରୀ କମ୍ପାନୀମାନେ ଦୁଗ୍ଧ ନନେବା ଫଳରେ ଚାଷୀମାନେ ବହୁତ କ୍ଷତିର ସମ୍ମୁଖୀନ ହେଲେ। ସେମାନଙ୍କର ଜୀବନ ଜୀବିକା ବିପଦ ମୁହଁକୁ ଠେଲି ହୋଇଗଲା। ବାରମ୍ବାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପାଖରେ ଚାଷୀମାନେ ପହଂଚି କ୍ଷତିପୂରଣ ଦେବାପାଇଁ ସହାୟତାର ହାତ ବଢ଼ାଇବାକୁ ନିବେଦନ କଲେ। ଦୁଗ୍ଧଚାଷୀମାନଙ୍କର ଏହି ଅସମୟରେ ମୁଖ୍ୟମନ୍ତ୍ରୀ ଆଗେଇଆସି ସେମାନଙ୍କର ଜୀବନ ଜୀବିକାର ସୁରକ୍ଷା ପାଇଁ ୧୧ କୋଟି ଟଙ୍କାର ସହାୟତା ପ୍ରଦାନ କରିଥିବା ଯୋଗୁଁ ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ମୁଖ୍ୟମନ୍ତ୍ରୀଙ୍କ ପାଖରେ ତା'ର କୃତଜ୍ଞତା ଜ୍ଞାପନ କରୁଛୁ। ଆଗାମୀ ଦିନରେ ରାଜ୍ୟ ସରକାର ଦୁଗ୍ଧ ଉତ୍ପାଦନକୁ ଆଜିର ୨୪ ଲକ୍ଷ ଟନ୍‌ରୁ ୩୦ଲକ୍ଷ ଟନ୍‌କୁ ବୃଦ୍ଧି କରିବା ପାଇଁ ପଦକ୍ଷେପ ନେବେ ବୋଲି ଶ୍ରୀ ବେହେରା ଆଶାପ୍ରକାଶ କରିଛନ୍ତି। ରାଜ୍ୟର କୃଷି ଅର୍ଥନୀତିରେ ଦୁଗ୍ଧ ଉତ୍ପାଦନ ଗାଁ ଗହଳିର ବେକାର ଯୁବକ ଯୁବତୀଙ୍କର ଜୀବନ ଜୀବିକା ପାଇଁ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ବିଶେଷତଃ ମହିଳାମାନଙ୍କୁ ଆତ୍ମନିର୍ଭର କରିବା ପାଇଁ ଦୁଗ୍ଧ ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ଦୁଗ୍ଧଚାଷୀମାନଙ୍କର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଆଗାମୀ ଦିନରେ ବ୍ୟାଙ୍କ ମାନଙ୍କୁ ପଦକ୍ଷେପ ନେବାକୁ କୃଷିମନ୍ତ୍ରୀ ନିର୍ଦ୍ଦେଶ ଦେବାକୁ ଶ୍ରୀ ବେହେରା ଅନୁରୋଧ କରିଛନ୍ତି । ଦୁଗ୍ଧଚାଷୀ ମହାସଂଘ ପକ୍ଷରୁ ମାନ୍ୟବର କୃଷିମନ୍ତ୍ରୀଙ୍କୁ ମଧ କୋଭିଡ୍ ସହାୟତା ପାଇଁ କୃତଜ୍ଞତା ଜ୍ଞାପନ କରାଯାଇଛି ।

## ଖେଳରତ୍ନ ପୁରସ୍କାରର ନାମ ବଦଳାଇବା ମୋଦିଙ୍କ ଅସହିଷ୍ଣୁତାର ପରିଚୟ: କଂଗ୍ରେସ

ଭୁବନେଶ୍ୱର :ଭାରତ ବର୍ଷର ସର୍ବଶ୍ରେଷ୍ଠ ପୁରସ୍କାର ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାରରୁ ରାଜୀବ ଗାନ୍ଧୀଙ୍କ ନାମ କାଟିବା ଅତ୍ୟନ୍ତ ଦୁର୍ଭାଗ୍ୟ ଏବଂ ମୋଦି ସରକାରର ଅସହିଷ୍ଣୁତା ବୋଲି କଂଗ୍ରେସ କହିଛି। ଭାରତବର୍ଷରେ ନୂଆ କିଛି କରିବାର ଦକ୍ଷତା ରଖିନଥିବା ବିଜେପି ସରକାର କଂଗ୍ରେସ କରିଥିବା ସମସ୍ତ ଯୋଜନାର ନାମ ପରିବର୍ତ୍ତନ କରିବାରେ ବ୍ୟସ୍ତ ରହୁଛନ୍ତି। ଖେଳ ପୁରସ୍କାରରୁ ରାଜୀବ ଗାନ୍ଧୀଙ୍କ ନାମ ହଟେଇଦେଲେ ଭାରତବର୍ଷରୁ ରାଜୀବ ଗାନ୍ଧୀଙ୍କ ବିଚାରଧାରାକୁ ପରିବର୍ତ୍ତନ କରିପାରିବେ ନାହିଁ। ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ରକ୍ତ ଭାରତ ବର୍ଷର ମାଟି, ପାଣି ଓ ପବନରେ ପ୍ରବାହିତ ହେଉଛି ଏବଂ ସେ ହେଉଛନ୍ତି ଆଧୁନିକ ଭାରତ ବର୍ଷର ନିର୍ମାତା ଏବଂ ବର୍ତ୍ତମାନ ଯୁବ ଶକ୍ତିର ଆଦର୍ଶ ଓ ପ୍ରାଣଦାତା।

ଏହି ଅବସରରେ କଂଗ୍ରେସ ଭବନରେ ପିସିସି ମିଡିଆ ସେଲ ପକ୍ଷରୁ ଏକ ଜରୁରୀ ବୈଠକରେ ଏହି ହୀନ ରାଜନୀତିକୁ ନେଇ ମୋଦି ସରକାରର ଦୃଢ଼ ନିନ୍ଦା କରାଯାଇଛି। ପିସିସି ମିଡିଆ ସେଲର ଅଧକ୍ଷ ଗଣେଶ୍ୱର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆବାହକ ସତ୍ୟପ୍ରକାଶ ନାୟକ, ସାମାଜିକ ଗଣମାଧମ ଅଧକ୍ଷ ଅଭିଷେକ ମହାନନ୍ଦ, ବିଧାୟକ ତଥା ମୁଖପାତ୍ର ଅଧିରାଜ ମୋହନ ପାଣିଗ୍ରାହୀ, ବିଜୟଲକ୍ଷ୍ମୀ ସାହୁ, ଦେବାଶିଷ ପଟ୍ଟନାୟକ ସମେତ ସାମାଜିକ ଗଣମାଧମର ରାଜ୍ୟ ସାଧାରଣ ସଂପାଦକ ଚନ୍ଦନ ରାୟ, ସୁବାଷ ଚନ୍ଦ୍ର ନାୟକ, ବିନୋଦ ବିହାରୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ନିର୍ମାଣ ଶ୍ରମିକମାନଙ୍କୁ ସ୍ୱତନ୍ତ୍ର କୋଭିଡ୍ ସହାୟତା ପ୍ରଦାନ

ଭୁବନେଶ୍ୱର: ରାଜ୍ୟର ୨୫ ଲକ୍ଷ ୭୩ ହଜାର ୫୬୮ ପଂଜୀକୃତ ନିର୍ମାଣ ଶ୍ରମିକମାନଙ୍କ ପାଇଁ କରୋନା ଦ୍ୱିତୀୟ ଲହରୀ ଦୃଷ୍ଟିରୁ ୧୫୦୦ ଟଙ୍କା ଲେଖାଏଁ ସ୍ୱତନ୍ତ୍ର କୋଭିଡ୍ ସହାୟତା ପ୍ୟାକେଜ୍ ରାଜ୍ୟ ସରକାରଙ୍କ ତରଫରୁ ଘୋଷଣା କରାଯାଇଛି ।ଏହି ପରିପ୍ରେକ୍ଷୀରେ ଏଯାବତ୍ ୧୪ ଲକ୍ଷ ୧୬ ହଜାର ୫୮୪ ନିର୍ମାଣ ଶ୍ରମିକଙ୍କୁ ୧୫୦୦ ଟଙ୍କା ଲେଖାଏଁ କୋଭିଡ୍ ସହାୟତା ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି । ଏ ବାବଦକୁ ସେମାନଙ୍କର ଆଧାର ଲିଙ୍କ୍ ହୋଇଥିବା ବ୍ୟାଙ୍କ ଆକାଉଣ୍ଟରେ ମୋଟ ୨୧୨.୪୯ କୋଟି ଟଙ୍କା ଦିଆଯାଇଛି ।ସକ୍ରିୟ ପଂଜୀକୃତ ନିର୍ମାଣ ଶ୍ରମିକମାନେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ୱେବ୍‌ସାଇଟ୍ ଲିଙ୍କ୍‌ରେ ସେମାନଙ୍କର ଦେୟ ସ୍ଥିତି ଯାଂଚ କରିପାରିବେ ।ଦେୟ ପ୍ରଦାନ ହୋଇନଥିଲେ ସେମାନେ ଏଠାରେ ଆଧାର ଲିଙ୍କ୍ ହୋଇଥିବା ବ୍ୟାଙ୍କ୍ ଆକାଉଂଟ ମୋବାଇଲ୍ ନମ୍ବର ଏବଂ ଅନ୍ୟାନ୍ୟ ବିବରଣୀ ଯାଂଚ କରି ସଠିକ୍ ତଥ୍ୟ ପ୍ରଦାନ କରିବାକୁ ଅନୁରୋଧ କରାଯାଇଛି ।ଏହି ସମ୍ବନ୍ଧୀୟ ଅଧିକ ସୂଚନା ପାଇଁ ହିତାଧିକାରୀମାନେ ସଂଯୋଗ ହେଲପ୍‌ଲାଇନ୍ ନମ୍ବର୧୫୫୩୩୫ରେ ଯୋଗାଯୋଗ କରିବାକୁ ରାଜ୍ୟ ଶ୍ରମ କମିଶନରଙ୍କ ପକ୍ଷରୁ ଅନୁରୋଧ କରାଯାଇଛି । ଆଧାର ସହ ବ୍ୟାଙ୍କ ଖାତା ସଂଯୋଗ ହୋଇନଥିଲେ, ସକ୍ରିୟ ପଂଜୀକୃତ ନିର୍ମାଣ ଶ୍ରମିକମାନେ ଯଥାଶୀଘ୍ର ବ୍ୟାଙ୍କ ଯାଇ ନିଜ ଆଧାର ସହ ବ୍ୟାଙ୍କ୍ ଖାତାକୁ ଯୋଡ଼ି ଏହାକୁ ଡିବିଟି ସକ୍ଷମ କରାଇବା ଆବଶ୍ୟକ, ଯାହାକି ତାଙ୍କର ବ୍ୟାଙ୍କ ଖାତାକୁ ସିଧାସଳଖ ସ୍ୱତନ୍ତ୍ର କୋଭିଡ୍ ସହାୟତା ରାଶି ତୁରନ୍ତ ପଠାଇବାରେ ଖୁବ୍ ସହାୟକ ହେବ ବୋଲି ରାଜ୍ୟ ଶ୍ରମ କମିଶନରଙ୍କ ସୂତ୍ରରୁ ପ୍ରକାଶ ।

# ଜିଲ୍ଲାପାଳଙ୍କ ଲୋୟରଇନ୍ଦ୍ର ଜଳସେଚନ ପ୍ରକଳ୍ପ ପରିଦର୍ଶନ,ବିସ୍ଥାପିତ ସହାୟତା ସମିତିର ଦାବୀପତ୍ର ପ୍ରଦାନ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲାପାଳ ସ୍ୱଧାଦେବ ସିଂ ଖଡିଆଳ ଲୋୟରଇନ୍ଦ୍ର ଜଳସେଚନ ପ୍ରକଳ୍ପକୁ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରି ଫେରି ଯାଇଛନ୍ତି ।ସେ ଡ୍ୟାମକୁ ବୁଲି ଦେଖିବା ସହ ବିଭାଗୀୟ ଅଧିକାରୀ ମାନଙ୍କ ସହ ବୈଠକ କରିଥିଲେ ।ଏହି ଅବସରରେ ଲୋୟର ଇନ୍ଦ୍ର ବିସ୍ଥାପିତ ସହାୟତା ସମିତି ପକ୍ଷରୁ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ୧୪ ଦଫା ଦାବୀପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲାପାଳ ଦାବୀପତ୍ରକୁ ଗ୍ରହଣ କରି ଦାବୀ ସବୁର ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ ।ଦାବୀପତ୍ରରେ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ୮ ଗୋଟି ବୁଡି ଗ୍ରାମର ପ୍ରାୟ ୨୫୦୦ ବିସ୍ଥାପିତ ପରିବାରଙ୍କୁ ପ୍ରଶାସନିକସ୍ତରରେ ବିଚାରଧିନଥିବା ସହାୟତା ରାଶିଙ୍କୁ ତୁରନ୍ତ ପ୍ରଦାନ କରାଯିବା, ଜମିର କ୍ଷତିପୂରଣ ପ୍ରଦାନ ବିରୋଧରେ ଜିଲା ଦୌରାଜଜ ନିମ୍ନ ଅଦାଲତରେ ଫଇସଲା ସରି ନିଷ୍ପି ହୋଇ ସାରିଥିବା ଜମିର କ୍ଷତିପୂରଣ ରାଶି ତୁରନ୍ତ ପ୍ରଦାନ କରିବା, ବିସ୍ଥାପିତ ଥଇଥାନ ସହାୟତା ରାଶି ନିର୍ଦ୍ଧାରିତ ଶେଷ ସମୟ ସୀମା ପର୍ଯ୍ୟନ୍ତ ଯୋଗ୍ୟ ବିବେଚିତ ସମସ୍ତ ବିସ୍ଥାପିତଙ୍କୁ ଥଇଥାନ ରାଶି ପ୍ରଦାନ କରିବା, ସମ୍ପୂର୍ଣ୍ଣ ବୁଡିଗ୍ରାମରେ ଭୂମିହୀନ ପ୍ରଜାଙ୍କୁ ୧୯୯୪ ଥଇଥାନ ନୀତି ଅନୁଯାୟୀ ଥଇଥାନ ରାଶି ପାଇଥିବା ବେଳେ ବ ର୍ମାନ ସେମାନଙ୍କ ଯୋଗ୍ୟ ପୁଅଝିଅ ମାନଙ୍କୁ ଥଇଥାନ ନୀତି ୨୦୦୬ ଅନୁଯାୟୀ ବିସ୍ଥାପିତ ରାଶି ପ୍ରଦାନ, ବିସ୍ଥାପିତ ହୋଇଥିବା ପରିବାରଙ୍କ ବକେୟା ଥିବା ଥଇଥାନ ରାଶି ନୂତନ ବସତିରେ କିଣିଥିବା ଜମି, ଘରଡିହର ରେଜିଷ୍ଟ୍ରେସନ ଫିଜ, ରକ୍ଷଣାବେକ୍ଷଣ, ପରିବହନ ଓ ଅନ୍ୟାନ୍ୟ ଆନୁସାଙ୍ଗିକ ଭ । ପ୍ରଦାନ, ପ୍ରତ୍ୟେକ ବିସ୍ଥାପିତଙ୍କୁ ବିସ୍ଥାପିତ ପରିଚୟ ପତ୍ର ପ୍ରଦାନ, ଅଧିଗୃହିତ ହୋଇଥିବା ଜମି ଉପରେ ରହିଥିବା ହିତାଧିକାରୀଙ୍କୁ ଚିରସ୍ଥାୟୀ ଭାବରେ ରହିବା ବ୍ୟବସ୍ଥା, ପ୍ରକଳ୍ପର ଥଇଥାନ ସହାୟତା ରାଶି ପାଇଁ ଯୋଗ୍ୟ ହିତାଧିକାରୀଙ୍କ ଚୟନ ପାଇଁ ନିର୍ଦ୍ଧାରିତ ଶେଷ ସମୟ ସୀମା ତାରିଖ ୦୧/୦୨/୨୦୧୪ କଟ ଅଫ ଡେଟ ପରିବର୍ତ୍ତେ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ଦିନକୁ ଶେଷ ସମୟ ସୀମା ଭାବରେ ଗ୍ରହଣ କରିବା, ବୁଡିଗ୍ରାମର ପ୍ରଜାଙ୍କୁ ଡିପି ଆକାରରେ ପାଉଣା ପ୍ରଦାନ, ବିସ୍ଥାପିତ ଯୁବକ ଯୁବତୀଙ୍କୁ କର୍ମସଂସ୍ଥାନ ଓ ନିଯୁକ୍ତି ପାଇଁ ପ୍ରଶିକ୍ଷଣ ପ୍ରଦାନ, ବିଭାଗୀୟ ଅବହେଳା କାରଣରୁ ୩୦ ଜଣରୁ ଅଧିକ ବିସ୍ଥାପିତ ୨୦୧୦ ମସିହାରେ ମଞ୍ଜୁର ହୋଇଥିବା ରାଶି ୨୦୧୫/୧୬ ରେ ପ୍ରଦାନ କରାଗଲା, ଯାହାକି ୨୦୧୪ କଟଅଫ ଡେଟ ମୁତାବକ ବକେୟା ରାଶି ପ୍ରଦାନ, ୧୮ ବର୍ଷରୁ ଅଧିକ ବର୍ଷର ପୁଅଝିଅ ମାନଙ୍କୁ ଥଇଥାନ ରାଶି ମିଳିବା ସକାଶେ ଆବେଦନ କରିବାକୁ କୁହାଯାଇଥିଲା କିନ୍ତୁ କିଛି ହିତାଧିକାରୀଙ୍କ ତାଲିକା ମଞ୍ଜୁର ପାଇଁ ସରକାରଙ୍କୁ ପଠାଯାଇଥିବା ବେଳେ କେତେକଙ୍କ ଆଜି ପର୍ଯ୍ୟନ୍ତ ପଠାଯାଇନଥିବା, ଜଳସମ୍ପଦ ବିଭାଗର ପତ୍ର ମୁତାବକ ବିସ୍ଥାପିତଙ୍କ ସମସ୍ୟାର ସମାଧାନ ସକାଶେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଦେଇଥିବା ଲିଖିତ ପ୍ରତିଶୃତି ୭ ବର୍ଷ ବିତି ଯାଇଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇପାରିନାହିଁ, ଏଣୁ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ଭଳି ଯଥା ପ୍ରମୁଖ ଦାବୀ ରହିଛି ।ଏହି ଦାବୀପତ୍ର ପ୍ରଦାନ ବେଳେ ବିସ୍ଥାପିତ ସହାୟତା ସମିତିର ସଭାପତି ନିତ୍ୟାନନ୍ଦ ପ୍ରଧାନ ଏବଂ ସମ୍ପାଦକ ଗୋପିନାଥ ଗଉଡ ଉପସ୍ଥିତ ଥିଲେ ।

## ଖଡିଆଳ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରେ ଠିକା କାମକୁ ନେଇ ଗୁଳିକାଣ୍ଡ

ନୂଆପଡା,(ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରେ ଠିକା କାମକୁ ନେଇ ଏକ ଗୁଳିକାଣ୍ଡ ହୋଇଥିବା ସୂଚନା ମିଳିଛି । ଖଡିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗର ୧୯ ଗୋଟି ଠିକା କାମକୁ ନେଇ ଏହି ଗୁଳିକାଣ୍ଡ ଘଟିଥିବା ବେଳେ ଜଣେ ଠିକାଦାର ଅଳ୍ପକେ ରକ୍ଷା ପାଇଯାଇଛନ୍ତି । ଶୁକ୍ରବାର ଖଡିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗରେ ଠିକା କାମ ନେଇ ଟେଣ୍ଡର ଜଣାପଡିବା ପରେ ଠିକାଦାର ମାନେ ବିଭାଗୀୟ କାର୍ଯ୍ୟାଳୟକୁ ଯାଇ କିଏ କିଏ କାମ ପାଇଛି ବୋଲି ଦେଖୁଥିଲେ । ଏଥିରେ କଣ୍ଟାବାଞ୍ଜି ଏବଂ ଖଡିଆଳର ଠିକାଦାର ମାନେ ଥିଲେ । ହେଲେ ସେଠାରେ କିଛି ଠିକାଦାର ମାନଙ୍କ ମଧ୍ୟରେ ବଚସା ହୋଇଥିଲା । ହେଲେ ୨ ଗୋଟି ବନ୍ଧୁକ ନେଇ ଆସିଥିବା କଣ୍ଟାବାଞ୍ଜିର ଠିକାଦାର ଜଣକ ଅଫିସ ବାହାରକୁ ଆସି ଗୁଳି କରିଥିଲେ । ଏହି ଗୁଳି ଖଡିଆଳର ଠିକାଦାର ପବନ କୁମାର ଅଗ୍ରୱାଲଙ୍କ ବାମ ହାତକୁ ଛୁଇଁ ଚାଲି ଯାଇଥିଲା । ଯାହାଫଳରେ ପବନ କୁମାର ଅଗ୍ରୱାଲଙ୍କ ବାମ ହାତରେ ଅଳ୍ପ କ୍ଷତ ହୋଇଥିବା ବେଳେ ସେ ଅଳ୍ପକେ ରକ୍ଷା ପାଇ ଯାଇଛନ୍ତି । ଏନେଇ ପବନ କୁମାର ଅଗ୍ରୱାଲଙ୍କ ଅଭିଯୋଗ କ୍ରମେ ପୁଲିସ ୨୫୧/୨୦୨୦ ରେ ଏକ ମାମଲା ରୁଜୁ କରି କଣ୍ଟାବାଞ୍ଜିର ୩ ଜଣ ଠିକାଦାର ଗିରିଦାସ ସିଂ ମାଝୀ ଓ ତାଙ୍କ ଭାଇ ଶୋଭାରାଜ ସିଂମାଝୀଙ୍କ ସହ ଡ୍ରାଇଭର ଚୈତନ୍ୟ ମାଝୀଙ୍କୁ ଅଟକ ରଖିଛନ୍ତି । ଏହାସହ ୨ ଗୋଟି ବନ୍ଧୁକ ସହ ଇନୋଭା ଗାଡିକୁ ଜବତ କରିଥିବା ବେଳେ ପୁଲିସ ଘଟଣାର ତଦନ୍ତ ଚଲାଇଥିବା ନେଇ ଥାନାଧିକାରୀ କୈଳାସ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି ।

# ଅବ୍ୟବସ୍ଥା ଘେରରେ ତୁକଲା ଷ୍ଟେଟ ବ୍ୟାଙ୍କ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲାର ବୃହ ମ ଗ୍ରାମ ତୁକଲା । ଏହି ଗ୍ରାମ ଉପରେ ଶତାଧିକ ଗ୍ରାମର ଲୋକେ ନିର୍ଭର କରନ୍ତି । ତୁକଲାରେ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ, ସମବାୟ ସମିତି ସହ ଷ୍ଟେଟ ବ୍ୟାଙ୍କ ରହିଛି । ଲେଣ ଦେଣ ସୁବିଧା ଦୃଷ୍ଟିରୁ ଅଧିକାଂଶ ଲୋକଙ୍କ ଷ୍ଟେଟ ବ୍ୟାଙ୍କରେ ଉକାଉ ରହିଛି କିନ୍ତୁ ଆବଶ୍ୟକ କର୍ମଚାରୀ ଅଭାବରୁ ଲୋକେ ଠିକ ଭାବରେ ସୁବିଧାସୁଯୋଗ ପାଇପାରୁ ନାହାନ୍ତି । ନିୟମ ଅନୁଯାୟୀ ଶାଖା ପରିଚାଳକଙ୍କ ସହ ୩ ଜଣ ଷ୍ଟାଫ ରହିବା କଥା କିନ୍ତୁ ଶାଖା ପରିଚାଳକ ଏବଂ ଜଣେ ଫିଲ୍ଡ ଅଫିସର ଅଛନ୍ତି । ଏଇ କିଛି ଦିନ ତଳେ କ୍ୟାସିଅର ଜଣକ ଇସ୍ତଫା ଦେଇ ଅନ୍ୟ ବ୍ୟାଙ୍କରେ ଯୋଗ ଦେଇଛନ୍ତି । ଫଳରେ ଜଣେ କର୍ମଚାରୀରେ କାର୍ଯ୍ୟକାରିବା ସଫଳ ହୋଇପାରୁନାହିଁ । ଲୋକେ ମଧ୍ୟ ବହୁତ ହଇରାଣ ହରକତ ହେଉଛନ୍ତି । ଲୋକେ ଟଙ୍କା ଡିପୋଜିଟ କିମ୍ବା ଉଠାଣ ସକାଶେ ଘ । ଘ । ଜଗି ରହୁଥିବା ବେଳେ ପାସବୁକ ପ୍ରି ମଧ୍ୟ ହୋଇ ପାରୁନାହିଁ । ଯାହାଫଳରେ ଅନେକ ନିରକ୍ଷର ଲୋକେ ତାଙ୍କ ଏକାଉ ରେ କେତେ ଟଙ୍କା ଅଛି ଜାଣି ପାରୁନାହାନ୍ତି । ଫଳରେ ଏଠାରେ ଆଉ ୨ ଜଣ ଷ୍ଟାଫ ଦେବା ପାଇଁ ଲୋକେ ଦାବୀ କରିଛନ୍ତି । ଏନେଇ ଶାଖା ପରିଚାଳକ ସୌମ୍ୟ ରଞ୍ଜନ ଦାଶଙ୍କୁ ପଚାରିବାରୁ କର୍ମଚାରୀ ଅଭାବକୁ ସ୍ୱିକାର କରିଥିଲେ କିନ୍ତୁ କୌଣସି କାର୍ଯ୍ୟ ଏଥିପାଇଁ ଅଟକୁ ନାହିଁ ବୋଲି ପ୍ରକାଶ କରିଥିଲେ । ଅନ୍ୟପକ୍ଷରେ ତୁକଲା ଠାରେ ଥିବା ଷ୍ଟେଟ ବ୍ୟାଙ୍କର ଏଟିଏମ ଗତ ୭/୮ ମାସ ହେବ ବନ୍ଦ ରହିଛି । ଯାହାଦ୍ୱାରା ଏଟିଏମ ଥିବା ଲୋକେ ଖଡିଆଳ କିମ୍ବା ସିନ୍ଧେକେଲାକୁ ଯାଇ ଟଙ୍କା ଉଠାଣ କରୁଛନ୍ତି । ବ୍ୟାଙ୍କ ଉଚ୍ଚ କର୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ଆବଶ୍ୟକ କର୍ମଚାରୀ ଯୋଗାଣ ସହ ଏଟିଏମକୁ ସଚଳ କରିବାକୁ ସାଧାରଣରେ ଦାବୀ ହେଉଛି ।

# ପୁରୀରୁ ଗୁଣୁପୁର ଏବଂ ପାରାଦୀପ ପାଇଁ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର:ପୁରୀରୁ ପାରାଦୀପ ଏବଂ ଗୁଣୁପୁର ଅଭିମୁଖେ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବା ଏବଂ ଭୁବନେଶ୍ୱର-କେନ୍ଦୁଝରଗଡ଼-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ୍‌କୁ ନିମ୍ନଲିଖିତ ଅନୁଯାୟୀ ଖୋର୍ଦ୍ଧା ରୋଡ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ରେଳବାଇ ପକ୍ଷରୁ ନିଷ୍ପତି ନିଆଯାଇଛି ।୦୮୪୧୪/୦୮୪୧୩ ପୁରୀ-ପାରାଦୀପ-ପୁରୀ ସ୍ପେଶାଲ୍ ଉଭୟ ଦିଗରୁ ୧୬ ଅଗଷ୍ଟ ୨୦୨୧ ଠାରୁ ପୁରୀ ଏବଂ ପାରାଦୀପ ମଧ୍ୟରେ ଚଳାଚଳ କରିବ । ଏହି ଟ୍ରେନ ପୁରୀରୁ ସକାଳ ୬ଘ.୧୫ମି.ରେ ଛାଡି ପାରାଦୀପ ଅଭିମୁଖେ ଯାତ୍ରା କରିବାକୁ ଥିବାବେଳେ ଏହା ପାରାଦୀପ ଠାରୁ ସନ୍ଧ୍ୟା ୬ ଘଟିକାରେ ଛାଡି ପୁରୀ ଅଭିମୁଖେ ଯାତ୍ରା କରିବ।୦୮୪୧୭/୦୮୪୧୮ ପୁରୀ-ଗୁଣୁପୁର-ପୁରୀ ସ୍ପେଶାଲ୍ ପୁରୀରୁ ୧୬ ଅଗଷ୍ଟ ଏବଂ ଗୁଣୁପୁରରୁ ୧୭ ଅଗଷ୍ଟ, ୨୦୨୧ ଠାରୁ ଚଳାଚଳ କରିବ ।ଏହି ଟ୍ରେନ୍ ପୁରୀରୁ ମଧାହ୍ନ ୧୨ ଘଟିକାରେ ଛାଡି ଗୁଣୁପୁରରେ ରାତ୍ରି ୮ଘ.୫୦ମି.ରେ ପହଂଚିବ। ଫେରିବା ଦିଗରେ, ଏହି ଟ୍ରେନ୍ ଗୁଣୁପୁରରୁ ସକାଳ ୫ ଘଟିକାରେ ଛାଡି ପୁରୀରେ ଅପରାହ୍ନ ୨ଘ.୫୦ମି.ରେ ପହଂଚିବ ।୦୮୪୫୬/୦୮୪୫୫ ଭୁବନେଶ୍ୱର-କେନ୍ଦୁଝରଗଡ଼-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ ଖୋର୍ଦ୍ଧା ରୋଡ଼କୁ ସମ୍ପ୍ରସାରିତ କରାଯିବ। ଏହି ଟ୍ରେନ ଖୋର୍ଦ୍ଧା ରୋଡ଼ ରୁ ୧୬ ଅଗଷ୍ଟ, ୨୦୨୧ରୁ ଏବଂ କେନ୍ଦୁଝରଗଡ଼ ରୁ ୧୭ ଅଗଷ୍ଟ, ୨୦୨୧ ଠାରୁ ସମ୍ପ୍ରସାରିତ ମାର୍ଗର ଚଳାଚଳ କରିବ । ଏହି ଟ୍ରେନ୍ ଖୋର୍ଦ୍ଧା ରୋଡରୁ ଅପରାହ୍ନ ୪ଘ.୦୫ମି.ରେ ଛାଡି କେନ୍ଦୁଝରଗଡ଼ ଠାରେ ରାତ୍ରି ୯ଘ.୩୫ମି.ରେ ପହଂଚିବ ଏବଂ କେନ୍ଦୁଝରଗଡ଼ରୁ ସକାଳ ୦୬ଘ.୩୦ମି.ରେ ଛାଡି ଖୋର୍ଦ୍ଧା ରୋଡ଼ ଠାରେ ପୂର୍ବାହ୍ନ ୧୧ଘ.୨୫ମି.ରେ ପହଂଚିବ। ଭୁବନେଶ୍ୱର ଏବଂ କେନ୍ଦୁଝରଗଡ଼ ମଧ୍ୟରେ ଏହି ଟ୍ରେନର ସମୟ ସାରଣୀ ଏବଂ ରହଣି ଷ୍ଟେସନ ଅପରିବର୍ତ୍ତିତ ରହିବ ।

## କରୋନା ମହାମାରୀ ବିରୁଦ୍ଧରେ ଲଢେଇ ପାଇଁ ଶପଥ ନେଲେ ପୂର୍ବତଟ ରେଳପଥ କର୍ମଚାରୀ

ଭୁବନେଶ୍ୱର, (ପିଏନ)- ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରାରମ୍ଭ କରାଯାଇଥିବା ଜନ ଆନ୍ଦୋଳନ ଅଭିଯାନରେ କରୋନା ବିରୁଦ୍ଧ ଲଢେଇ କୁ ସମ୍ମାନ ଦେଇ ପୂର୍ବ ତଟ ରେଳପଥ ଏହି ଜନ ଆନ୍ଦୋଳନର ମୁଖ୍ୟ ବୈଶିଷ୍ଟ୍ୟ ଅନୁସରଣ ଯଥା ମାସ୍କ ପିନ୍ଧିବା, ବାରମ୍ବାର ହାତ ଧୋଇବା, ସାମାଜିକ ଦୂରତା ଅନୁସରଣ କରିବା ଏବଂ ଦୁଇ ଗଜ ଦୂରତା ରଖିବାର ଅଭ୍ୟାସ ଜାରିରଖିବାକୁ ଏହାର କର୍ମଚାରୀ, ରେଳ ବ୍ୟବହାରକାରୀ ଏବଂ ଯାତ୍ରୀମାନଙ୍କୁ ନିବେଦନ କରିଛି । ଏହି ଜନ ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ବିଦ୍ୟା ଭୂଷଣ ଭିଡିଓ କନଫେରେନସିଙ୍ଗ ମାଧମରେ ରେଳପଥର କର୍ମଚାରୀମାନଙ୍କୁ ସର୍ବଦା ସଜାଗ ରହିବାକୁ ଏବଂ କୋଭିଡ୍-୧୯ ରୁ ନିଜେ ତଥା ସେମାନଙ୍କ ସହକର୍ମୀଙ୍କ ପ୍ରତି ବିପଦ ନରଖିବାକୁ ଶପଥ ପାଠ କରାଇବା ସହ ସମସ୍ତ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରିବାକୁ ପ୍ରତିଜ୍ଞା କରାଇଥିଲେ । ଉପଯୁକ୍ତ କୋଭିଡି ଆଚରଣ ଅନୁସରଣ କରିବାକୁ ଅନ୍ୟମାନଙ୍କୁ ପ୍ରେରଣା ଏବଂ ଉତ୍ସାହିତ କରିବାକୁ ପ୍ରତିଜ୍ଞା କରାଇଥିଲେ । କର୍ମଚାରୀମାନେ ବିଶେଷ କରି ସର୍ବସାଧାରଣ ସ୍ଥାନରେ ସର୍ବଦା ମାସ୍କ ପିନ୍ଧିବାକୁ, ଅନ୍ୟମାନଙ୍କଠାରୁ ସର୍ବନିମ୍ନ ଦୂରତା ରଖିବାକୁ, ବାରମ୍ବାର ସାବୁନ୍ ଏବଂ ପାଣିରେ ହାତ ଧୋଇବାକୁ ଏବଂ କୋଭିଡ୍୧୯ ବିରୁଦ୍ଧରେ ଲଢେଇ କରିବାକୁ ଶପଥ ନେଇଛନ୍ତି ।

ଭିଡିଓ କନଫେରେନସିଙ୍ଗ ମାଧମରେ କରୋନା ମହାମାରୀ ବିରୁଦ୍ଧରେ ଲଢେଇ ପାଇଁ ଶପଥ ପାଠ ଉତ୍ସବରେ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ଶ୍ରୀ ସୁଧୀର କୁମାର, ସମସ୍ତ ପ୍ରମୁଖ ବିଭାଗୀୟ ଅଧିକାରୀ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ମାନଙ୍କ ସହ କର୍ମଚାରୀମାନେ ମଧ ସାମାଜିକ ଦୂରତା ରଖି ଶପଥ ପାଠ ଉତ୍ସବ ରେ ଭାଗ ନେଇଥିଲେ।

# ପଦୋନ୍ନତି ତାଲିକାକୁ ନେଇ ଶିକ୍ଷକ ମହଲରେ ଅସନ୍ତୋଷ

କେନ୍ଦୁଝର(ପିଏନ)- କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକରେ କାର୍ଯ୍ୟରତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପଦୋନ୍ନତି ନିମନ୍ତେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚୂଡାନ୍ତ ପଦୋନ୍ନତି ତାଲିକା ପ୍ରକାଶ ପାଇଛି। ତେବେ ଏହି ତାଲିକା ଯୋଗୁଁ ଅନେକ ଯୋଗ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ପଦୋନ୍ନତି ପାଇବାରୁ ବଞ୍ଚିତ ହୋଇଥିବାରୁ ଏହି ତାଲିକା ସଂଶୋଧନ କରି ପଦୋନ୍ନତିରୁ ବଞ୍ଚିତ ହୋଇଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ସାମିଲ କରିବା ପାଇଁ ଜିଲ୍ଲାର କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିବେଦନ କରିଛନ୍ତି। ଅଭିଯୋଗ ମୁତାବକ, କେନ୍ଦୁଝର ଶିକ୍ଷା ଜିଲ୍ଲା କାର୍ଯ୍ୟାଳୟ ପକ୍ଷରୁ ସେପ୍ଟେମ୍ବର ୧୬ ତାରିଖରେ ଜିଲ୍ଲାର ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ନିମନ୍ତେ ଲେଭେଲ ୫, 'ଏ' ରୁ ଲେଭେଲ ୫, 'ବି' କୁ ପଦୋନ୍ନତି ପାଇଁ ଚୁଡାନ୍ତ ପଦୋନ୍ନତି ତାଲିକା ପ୍ରକାଶ କରାଯାଇଛି। ଏହି ପଦୋନ୍ନତି ତାଲିକା ଗଣଶିକ୍ଷା ବିଭାଗ ନିର୍ଦ୍ଦେଶନାମା ଅନୁଯାୟୀ ପ୍ରସ୍ତୁତ କରାଯାଇନଥିବା ଅଭିଯୋଗ ହେଉଛି। ଶିକ୍ଷା ବିଭାଗର ନିର୍ଦ୍ଦେଶନାମା ଅନୁଯାୟୀ ମାଟ୍ରିକ ସିଟି, ଯୁକ୍ତ ୨ ସିଟି ଏବଂ ଗ୍ରାଜୁଏଟ ସିଟି ଧାରୀ ୫୦ ପ୍ରତିଶତ ଶିକ୍ଷକ ଶିକ୍ଷୟିତ୍ରୀ କ୍ୟାଟେଗୋରୀ-୧ ରେ ରହିବେ। କ୍ୟାଟେଗୋରୀ-୨ରେ ୫୦ ପ୍ରତିଶତ ଗ୍ରାଜୁଏଟ,ବିଇଡି ଏବଂ ୨୦୧୧ ମସିହା ପରେ ଯେଉଁ ଗ୍ରାଜୁଏଟ ସିଟି ଧାରୀ ଶିକ୍ଷକମାନେ ବିଷୟଭିତ୍ତିକ ଶିକ୍ଷକ ଭାବେ ନିଯୁକ୍ତି ପାଇବା ସହ ଓଟିଇଟି-୨ ପାସ୍ କରିଥିବେ। ସେହି ଶିକ୍ଷକମାନଙ୍କୁ ସାମିଲ କରାଯିବା କଥା। କିନ୍ତୁ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ପଦୋନ୍ନତି ତାଲିକାରେ କ୍ୟାଟେଗୋରୀ-୧ ରେ ଥିବା ଗ୍ରାଜୁଏଟ ସିଟି ଧାରୀ ଶିକ୍ଷକଙ୍କୁ ନେଇ କ୍ୟାଟେଗୋରୀ-୨ ରେ ସାମିଲ କରାଯାଇ ପଦୋନ୍ନତି ଦିଆଯାଇଛି। ଫଳରେ କ୍ୟାଟେଗୋରୀ-୨ ରେ ଥିବା ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ପଦୋନ୍ନତିରୁ ବଞ୍ଚିତ ହୋଇଛନ୍ତି। ସେହିପରି ପଦୋନ୍ନତି ପାଇଥିବା ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ଚାକିରୀରେ ଥାଇ ଉଚ୍ଚ ଶିକ୍ଷା କଲାବେଳେ ବିଭାଗୀୟ ଅଧିକାରୀଙ୍କଠାରୁ ଠିକ୍ ଭାବେ ଅନୁମତି ପତ୍ର ନଆଣି ଉଚ୍ଚ ଶିକ୍ଷା ହାସଲ କରିଛନ୍ତି। ଅନୁସନ୍ଧାନରୁ ଜଣାଯାଇଛି କେତେକ ଶିକ୍ଷକ ଶିକ୍ଷୟିତ୍ରୀ, ଯେଉଁମାନେ କି ଅନୁମତି ପତ୍ର ନଆଣି ଉଚ୍ଚ ଶିକ୍ଷା ହାସଲ କରିଛନ୍ତି, ଏବେ ସେମାନେ ତାଙ୍କର ଉଚ୍ଚଶିକ୍ଷାକୁ କାଏମ ରଖିବା ପାଇଁ ସେହି ସମୟର ଡିଆଇ,ବିଇଓ, ଏବିଇଓ, ପ୍ରଧାନଶିକ୍ଷକଙ୍କ ନିକଟକୁ ଯାଇ ପିଛିଲା ତାରିଖରେ ଦସ୍ତଖତ କରି ଅନୁମତି ପତ୍ର ଆଣି ବିଇଓମାନଙ୍କୁ ପ୍ରଦାନ କରି ପଦୋନ୍ନତି ପତ୍ର ନେଉଛନ୍ତି ଏବଂ ଯେଉଁ ଅନୁମତି ପତ୍ରରେ କାର୍ଯ୍ୟାଳୟର ଚିଠି ନମ୍ବର ଓ ତାରିଖ ନାହିଁ। ପ୍ରଧାନଶିକ୍ଷକ କିପରି ବିଭାଗୀୟ ଅଧିକାରୀ ଥାଉ ଥାଉ ଉଚ୍ଚ ଶିକ୍ଷା ନିମନ୍ତେ ଶିକ୍ଷକମାନଙ୍କୁ ଅନୁମତି ଦେଇ ପାରୁଛନ୍ତି ଏହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହିପରି ଅନୁମତି ପତ୍ରକୁ ରଦ୍ଦ ନକରି କିପରି ଗ୍ରହଣ କରାଯାଉଛି ତାହା ତଦନ୍ତ ସାପେକ୍ଷ ଅଟେ। ତେଣୁ ଏହି ତାଲିକାକୁ ସଂଶୋଧନ କରାଯାଇ ପଦୋନ୍ନତିରୁ ବଞ୍ଚିତ ହୋଇଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସାମିଲ କରିବା ପାଇଁ ପଦକ୍ଷେପ ନେବାକୁ ଶିକ୍ଷକମାନେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

# କେନ୍ଦୁଝର ଜିଲ୍ଲା ସଦର ମହକୁମା ଚିକିତ୍ସାଳୟରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

କେନ୍ଦୁଝର(ପିଏନ)-ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ କେନ୍ଦୁଝର ଜିଲ୍ଲା ସଦର ମହକୁମାଠାରେ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ସ୍ୱାସ୍ଥ୍ୟ ସଚେତନତା ରଥକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ ଅଶୋକ କୁମାର ଦାଶ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହି ରଥ ଜିଲ୍ଲାର ସମସ୍ତ ୧୩ ଗୋଟି ବ୍ଲକ୍‌କୁ ୭ ଦିନ ମଧ୍ୟରେ ପରିକ୍ରମା କରି ସଚେତନତା କରିବ। ଏଥି ସହିତ ଜିଲ୍ଲା ସଦର ମହକୁମା ଚିକିତ୍ସାଳୟଠାରେ ଜନ ସଚେତନତା ଉଦ୍ଦେଶ୍ୟରେ ଏକ ମାନସିକ ସଚେତନତା ହୋଡିଙ୍ଗ୍‌କୁ ମଧ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଉଦ୍‌ଘାଟନ କରିଥିଲେ । ଏହି ଉତ୍ସବରେ ଡି.ପି.ଏମ୍. ଦିଲ୍ଲିପ କୁମାର ଦୁବେ, ମାନସିକ ରୋଗ ଚିକିତ୍ସା ଅଧିକାରୀ ଡାଃ ନିହାର ରଂଜନ ରଥ ଓ ଡାଃ ସୁଶାନ୍ତ ମାଝୀ, ଡି.ପି.ଏଚ୍.ସି.ଓ. ପିତବାସ ମିଶ୍ର, ଏଡିପିଏଚ୍‌ସିଓ ଶ୍ରୀକାନ୍ତ ସେଠୀ, ଏସ୍.ଏ. ନୃସିଂହ ନାରାୟଣ ନନ୍ଦ, ଏସ୍.ଡବ୍ଲ୍ୟୁ. ବିକାଶ ମହାନ୍ତ ଓ ଗୋଷ୍ଠୀ ସେବିକା ଜୟନ୍ତି ଦାଶ, ସରୋଜ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଉଦ୍‌ଘାଟନ ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲେ ।



ଖେଳ
ପର୍ଯ୍ୟବେକ୍ଷକ
PARYABEKHYAK





Bhubaneswar Thursday August 12, 2021 ଭୁବନେଶ୍ୱର ଗୁରୁବାର, ଅଗଷ୍ଟ ୧୨,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com

# ବନବିଭାଗର ଚଢାଉ, ଜଙ୍ଗଲରୁ ଶିକାରୀ ଗିରଫ, ବନ୍ଧୁକ ଜବତ୍



ଖଣ୍ଡପଡ଼ା : ଖଣ୍ଡପଡ଼ା ବ୍ଲକ୍ ଅଧିନ ଖଳିସାହି ଗ୍ରାମ ନିକଟସ୍ଥ ସଂରକ୍ଷିତ ଜଙ୍ଗଲ ମଧ୍ୟରୁ ମଙ୍ଗଳବାର ରାତିରେ ଜଣେ ଶିକାରୀକୁ ଖଣ୍ଡପଡ଼ା ବନବିଭାଗ କର୍ମଚାରୀମାନେ ଗିରଫ କରିବା ସହ ତା ଠାରୁ ଗୁଳିଭରା ଏକ ଦେଶୀ ବନ୍ଧୁକ ଜବତ୍ କରିଥିବା ବନାଚଂଳ ଅଧିକାରିଣୀ ସୋନାଲି ସିଓଙ୍କ ଠାରୁ ପ୍ରକାଶ। ଗିରଫ ଶିକାରୀ ଜଣକ ଖଳିସାହି ଗ୍ରାମ ପାଟଂଘରିଆ ସାହିର ସୁଶାନ୍ତ କୁମାର ନାୟକ (୪୫) ବୋଲି ଜଣାପଡ଼ିଛି। ସୁଶାନ୍ତ ନିୟମିତ ଭାବେ ଜଙ୍ଗଲରୁ ବନ୍ୟଜନ୍ତୁ ଶିକାର କରିଥାଏ ବୋଲି ସ୍ଥାନୀୟ ବାସିନ୍ଦା ବନବିଭାଗ କର୍ତୃପକ୍ଷଙ୍କୁ ବହୁ ପୂର୍ବରୁ ସୂଚନା ଦେଇଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ସୁଶାନ୍ତ ବନ୍ଧୁକ ନେଇ ସଂରକ୍ଷିତ ଜଙ୍ଗଲ ମଧ୍ୟକୁ ଯାଇଥିବା ଓ କିଛି ସମୟ ପରେ ବନ୍ଧୁକରୁ ଗୁଳିଫୁଟିବା ଶବ୍ଦ ଶୁଣାଯିବାରୁ ଆଖପାଖ ଅଚଂଳର ବାସିନ୍ଦା ଏ ସମ୍ପର୍କରେ ନୟାଗଡ଼ ବନଖଣ୍ଡ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ନୟାଗଡ଼ ବନଖଣ୍ଡ ଅଧିକାରୀ ଏଚ୍‌ଡ଼ି ଧନରାଜଙ୍କ ନିର୍ଦ୍ଦେଶକ୍ରମେ ବନପାଳ ଶ୍ରୀନିବାସ ଦାଶ, ବନରକ୍ଷୀ ସନାତନ ସ୍ୱାଇଁଙ୍କ ସମେତ କର୍ମଚାରୀମାନେ ଉକ୍ତ ସ୍ଥାନରେ ପହଚିଂ ଶିକାରୀ ସୁଶାନ୍ତକୁ କାବୁକରି ଧରିବାରେ ସକ୍ଷମ ହୋଇଥିଲେ। ଏ ନେଇ ଏକ ମାମଲା ରୁଜୁ କରାଯାଇ ସମ୍ପୃକ୍ତ ଶିକାରୀକୁ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ଖଣ୍ଡପଡ଼ା ବନାଚଂଳ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।

## ଅନାବନା ଗଛଲତାରେ ଲୁଚିଗଲାଣି ଷ୍ଟାଣ୍ଡପୋଷ୍ଟ

ଖଣ୍ଡପଡ଼ା: ଖଣ୍ଡପଡ଼ା ବ୍ଲକ୍ ଅଧିନ ୨୨ଟି ପଚଂାୟତର ପ୍ରତ୍ୟେକ ଗ୍ରାମରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଛତୁ ଫୁଟିଲାପରି ଷ୍ଟାଣ୍ଡପୋଷ୍ଟ ନିର୍ମାଣ କରାଯାଇଥିଲା। ଷ୍ଟାଣ୍ଡପୋଷ୍ଟ ଗୁଡ଼ିକରେ ଏକଦା ପାନୀୟଜଳ ଉପଲବ୍ଧ ହେଉଥିଲା। ମାଟିତଳେ ପାଇପ୍ ଲାଇନ୍ ବିଛାଯିବା ସହ ଷ୍ଟାଣ୍ଡପୋଷ୍ଟ ଗୁଡ଼ିକର ନିର୍ମାଣ ବାବଦରେ ସେହି ସମୟରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ହୋଇଥିଲା। ମାତ୍ର ସମୟାନୁକ୍ରମେ ରକ୍ଷଣାବେକ୍ଷଣ ଅଭାବରୁ ଷ୍ଟାଣ୍ଡପୋଷ୍ଟ ଗୁଡ଼ିକ ବିଭିନ୍ନ ସ୍ଥାନରେ ଭାଙ୍ଗିରୁଜି ଯାଇଥିବା ବେଳେ କେତେକ ଇଲାକାରେ ଅନାବନା ଗଛଲତା ମଧ୍ୟରେ ଷ୍ଟାଣ୍ଡପୋଷ୍ଟ ଗୁଡ଼ିକ ଲୁଚିଗଲାଣି। ଏଥିପ୍ରତି ବିଭାଗୀୟ କର୍ତୃପକ୍ଷ ନତୁବା ପଚଂାୟତ କର୍ତୃପକ୍ଷ କେହି ହେଲେ ଧ୍ୟାନ ଦେଉନଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି।

## ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଚାରା ଓ ମାକ୍ସ ବଣ୍ଟନ



ବାଲିଅନ୍ତା : ପରିବେଶ ଭିତିକ ସାମାଜିକ ଅନୁଷ୍ଠାନ ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଚାରା ଓ ମାକ୍ସ ବଣ୍‌ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଅଂଚଳର ଜନସାଧାରଣଙ୍କୁ ବୃକ୍ଷ ବାଣ୍ଟିବା ସହ ତାର ଉପକାରିତା ବିଷୟରେ ଅବଗତ କରାଯାଇଛି । ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ବ୍ଲକ ଅଧିନସ୍ଥ ଉମାଦେଇବ୍ରହ୍ମପୁର ଗ୍ରାମ ପଂଚାୟତର ହୀରାପୁରସ୍ଥିତ ଅନୁଷ୍ଠାନର କାର୍ଯ୍ୟାଳୟ ନିକଟରେ ବିଭିନ୍ନ ପ୍ରକାରର ଚାରା ଓ ମାକ୍ସ ବଣ୍‌ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ମୁଖ୍ୟ ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇଙ୍କ ଅଧକ୍ଷତାରେ ଟ୍ରଷ୍ଟି ଗଗନ ଭୋଇ, ଗୋବିନ୍ଦ ବେହେରା, ବିଷ୍ଣୁଚରଣ ସାହୁ ଓ ସୁବାସ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ସମଗ୍ର ଜୟଦେବ ନିର୍ବାଚନ ମଣ୍ଡଳୀରେ ଅନୁଷ୍ଠିତ ହେବା ସହିତ ବିଭିନ୍ନ ପ୍ରକାର ଔଷଧିୟ ବୃକ୍ଷ ବଣ୍‌ଟନ ସହିତ ବିଭିନ୍ନ ସରକାରୀ ସ୍କୁଲ ପରିସର ଓ ପଂଚାୟତ କାର୍ଯ୍ୟାଳୟରେ ବୃକ୍ଷ ରୋପଣ କରାଯିବା ନେଇ ଅନୁଷ୍ଠାନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

## ଘରେ ଘରେ ପହଞ୍ଚିବ ପାଣି : ଉପକୃତ ହେବେ ୧୨ଲକ୍ଷ ଲୋକ

କେନ୍ଦ୍ରାପଡା : ରାଜ୍ୟ ସରକାରଙ୍କ ବିଶୁଦ୍ଧ ପାନୀୟଜଳ ଯୋଜନାରେ ଘରେ ଘରେ ସ୍ୱଚ୍ଛ ପିଇବା ପାଣି ପହଞ୍ଚାଇବା ପାଇଁ ବିଭିନ୍ନ ଜିଲ୍ଲାରେ ପ୍ରକଳ୍ପ କାର୍ଯ୍ୟ ଚାଲୁରହିଛି । ଏହି କ୍ରମରେ ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର ୪ଟି ବ୍ଲକ ତିହିଡି, ବାସୁଦେବପୁର, ଧାମନଗର ଓ ଚାନ୍ଦବାଲିର ପ୍ରାୟ ୧୨ଲକ୍ଷ ଜନସାଧାରଣ ଉପକୃତ ହେବେ। ମେଗା ଇନିୟରିଂ ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକ୍‌ଚର ପକ୍ଷରୁ ଦୃତ ଗତିରେ କାମ ଚାଲୁ ରହିଥିବା ବେଳେ ଏହାକୁ ଖରସ୍ରୋତା ବଞ୍ଚାଓ ସମିତି ଓ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଟାୟାର ଜାଳି ରାସ୍ତା ଅବରୋଧ କରିବା ସହିତ ବିରୋଧ କରାଯାଇଛି । କିଛି ଅଘଟଣ ଘଟିବା ଆଶଙ୍କାରେ ପ୍ରଶାସନ ପକ୍ଷରୁ ଉକ୍ତ ଅଞ୍ଚଳରେ ୧୪୪ ଧାରା ଜାରି କରାଯାଇଛି ।

## ଜିଲ୍ଲା ପ୍ରତିଭା ପୂଜା ସଂସଦ ପକ୍ଷରୁ ସ୍ୱରାଜ କେତନ ମଙ୍ଗରାଜଙ୍କ ବିୟୋଗରେ ସ୍ମୃତିସଭା




କେନ୍ଦ୍ରାପଡ଼ା : ଜିଲ୍ଲା ପ୍ରତିଭା ପୂଜା ସଂସଦ ପକ୍ଷରୁ ବିଶିଷ୍ଟ ଶିକ୍ଷାବିତ ତଥା ସମସ୍ତଙ୍କୁ ଆପନାର କରିପାରୁଥିବା ଦରଦି ମଣିଷ ସ୍ୱରାଜ କେତନ ମଙ୍ଗରାଜଙ୍କ ବିୟୋଗରେ ଏକ ସ୍ମୃତିସଭା ସ୍ଥାନୀୟ ପବ୍ଲିକ ରିଡିଂରୁମ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଂସଦର ସଭାପତି ପ୍ରଦିପ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସ୍ମୃତିସଭାରେ ଅତିଥି ଭାବେ ବରିଷ୍ଠ ଆଇନଜିବି ଉମେଶ ଚନ୍ଦ୍ର ସିଂ, ବୈଦ୍ୟନାଥ ଚାଟାର୍ଜୀ, ଧରଣୀଧର ସୁଆର ଓ ତ୍ରୈଲୋକ୍ୟନାଥ ପରିଡା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମଙ୍ଗରାଜଙ୍କ ଗୁଣଗାନ କରିବା ସହ ତାଙ୍କ ପରିବାରର କେନ୍ଦ୍ରାପଡା ପାଇଁ ଥିବା ଅବଦାନ ସମ୍ପର୍କରେ ବର୍ଣ୍ଣନା କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୋପାଳକୃଷ୍ଣ ଜେନା, ମୁକ୍ତାର ଖାଁ, ଆଶିଷ ସେନାପତି, ଗୋବିନ୍ଦ ପୃଷ୍ଟି, ତ୍ରୈଲୋକ୍ୟ ପରିଡା, ଅଶୋକ କୁମାର ସାହୁ, ରଣଧିର ଜେନା, ନୃସିଂହ ଚରଣ ତ୍ରିପାଠୀ, ସାମ୍ବାଦିକ ଚିତ୍ତରଞ୍ଜନ ଦାସ, ନଳିନୀ ବିହାରି ମହାନ୍ତି, ଯସମିନ ପରଭିନ, ସେକ ସିକନ୍ଦର, ସେକ ସମସେର, ଜାକିର ହୋସେନ, ସନ୍ତୋଷ କର, ଅବନ୍ତୀ ବେହେରା, ରାଜେନ୍ଦ୍ର ଲେଙ୍କା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମଙ୍ଗରାଜଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଗୋଲଖ ଚନ୍ଦ୍ର ପଢିଆରୀ ସଭାର ଆଭିମୁଖ୍ୟ ଜ୍ଞାପନ କରିଥିଲେ।

## ବିଜେପି ଜିଲ୍ଲା ଯୁବମୋର୍ଚ୍ଚାର କାର୍ଯ୍ୟକାରିଣି ବୈଠକ



କେନ୍ଦ୍ରାପଡ଼ା : କେନ୍ଦ୍ରାପଡା ଜିଲ୍ଲା ଭାରତୀୟ ଜନତା ଯୁବମୋର୍ଚ୍ଚାର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଗରାପୁରସ୍ଥିତ ସୌଭାଗ୍ୟ ମଣ୍ଡପରେ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ବିନ୍ଦୁ ସାଗର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟ ଯୋଗଦେଇ ରାଜ୍ୟ ସରକାର ଓଡିଶାର ଯୁବ ସମାଜକୁ ପ୍ରତାରଣା କରିଛନ୍ତି ବୋଲି କହିଥିଲେ। ଓଡିଶାର ଯୁବକ ଶିକ୍ଷିତ ହୋଇ ମଧ ନିଯୁକ୍ତି ଅଭାବରୁ ରାଜ୍ୟ ବାହାରେ ଦାଦନ ଖଟିବାକୁ ବାଧ ହେଉଛି । ଶାସକ ଦଳ ବିଜୁ ଯୁବ ବାହିନୀ, ମୁଁ ହିରୋ ଭଳି କାର୍ଯ୍ୟକ୍ରମରେ କେବଳ ଯୁବ ସମାଜକୁ ପଥଭ୍ରଷ୍ଟ କରାଯାଇ ନିର୍ବାଚନରେ ବ୍ୟବହାର କରିଛି ଓ ନିର୍ବାଚନରେ ଜିତିବା ପରେ ଯୁବକମାନଙ୍କୁ ଭୁଲି ଯାଇଛି ବୋଲି ମତବ୍ୟକ୍ତ କରିଥିଲେ। କେନ୍ଦ୍ରାପଡାରେ ମେଡିକାଲ କଲେଜ ପ୍ରତିଷ୍ଠା, କେନ୍ଦ୍ରାପଡା କଲେଜକୁ ବିଶ୍ୱ ବିଦ୍ୟାଳୟର ମାନ୍ୟତା, ମନରେଗା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ନାନା କେନ୍ଦ୍ରୀୟ ଯୋଜନାରେ ଅନିୟମିତତା ଓ ଦୁର୍ନୀତି ପ୍ରତିବାଦରେ ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କ ଜନକଲ୍ୟାଣକାରୀ ଯୋଜନା ଗୁଡିକୁ ଜନସାଧାରଣଙ୍କ ପାଖରେ ପହଞ୍ଚାଇ ଯୁବମୋର୍ଚ୍ଚା ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ବିଗତ ଦିନରେ ରାଜ୍ୟ ସରକାରର ନାନା ଦୁର୍ନୀତି ବିରୋଧରେ ଯୁବମୋର୍ଚ୍ଚାର ଆନ୍ଦୋଳନାତ୍ମକ କାର୍ଯ୍ୟକୁ ପ୍ରଶଂସା କରିବା ସହ ଯୁବମୋର୍ଚ୍ଚା କୁ ଅଧିକ କ୍ରିୟାଶୀଳ କରିବାକୁ ମତବ୍ୟକ୍ତ କରିଥିଲେ । ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା, ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ତଥା ଜିଲ୍ଲା ପ୍ରଭାରୀ ଡଃ. ପ୍ରକାଶ ଦଳାଇ, ଅମୃତ ରଞ୍ଜନ ସ୍ୱାଇଁ, ପ୍ରିତେଶ ବହିଦାର, ଅଭିମନ୍ୟୁ ଗୋଛାୟତ, ବିଜେପି ନେତା ବିଜୟ ପ୍ରଧାନ, ସୁନାକର ବେହେରା, ଲଲାଟକେଶରୀ ସାମଲ ଯୋଗଦେଇ ଯୁବମୋର୍ଚ୍ଚାକୁ ତୃଣମୂଳସ୍ତରରୁ ସଂଗଠିତ କରିବା ସହ ଜିଲ୍ଲାର ସ୍ୱାର୍ଥରକ୍ଷା ପାଇଁ ଯୁବମୋର୍ଚ୍ଚା ସର୍ବଦା ଆନ୍ଦୋଳନ ପାଇଁ ପ୍ରସ୍ତୁତ ଅଛି ବୋଲି ମତବ୍ୟକ୍ତ କରିଥିଲେ । ସାଧାରଣ ସମ୍ପାଦକ କ୍ରିଷ୍ଣପଦ ମଣ୍ଡଳ ଅତିଥି ପରିଚୟ ଓ ସଭା ପରିଚାଳନା କରିଥିବା ବେଳେ ସମ୍ପାଦକ ରତିରଞ୍ଜନ ଜେନା ବିବରଣୀ ପଠନ ଓ ଉପସଭାପତି ମାନସରଞ୍ଜନ ଦାସ ରାଜନୈତିକ ଚିଠା ପ୍ରସ୍ତାବ ଆଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହେନ୍ଦ୍ର ଜୀବନ ଦାଶ, ନିର୍ମଳ ସ୍ୱାଇଁ, ଲୋକନାଥ ବିଶ୍ୱାଳ, ଅବିନାଶ ସ୍ୱାଇଁ, ସନ୍ଦିପନୀ ଆର୍ଯ୍ୟକୁମାର, ବରାହ ପଣ୍ଡା, ପ୍ରକାଶ ତାନ୍ତୁ, ଜିତେନ୍ଦ୍ର ନାୟକ, ମୁକ୍ତିକାନ୍ତ ସ୍ୱାଇଁ, ସିଦ୍ଧାର୍ଥ ଶଙ୍କର ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ନିହାର ରଞ୍ଜନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।






Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray